

Odia Daily

www.theutkalsamachar.com

ଉତ୍କଳ ସମାଚାର

ସର୍ବାଧୁନିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR



+Vol - 22+ Issue No:195+12 November 2026 (Thursday)+Rourkela +Rs.2.00 +Page -1 +୨୨ ବର୍ଷ +ସଂଖ୍ୟା:୧୯୫+୧୨ ନଭେମ୍ବର ୨୦୨୬ (ଗୁରୁବାର)+ ରାଉରକେଲା +ମୂଲ୍ୟ:ଟ.୨.୦୦+ ପୃଷ୍ଠା-୬

ଜମ୍ମୁ-କାଶ୍ମୀରରେ ପୁଣି ସକ୍ରିୟ ଆତଙ୍କବାଦୀ

ବାଇକରେ ଆସି କଲେ ଗୁଳିମାଡ଼, ୩ ସିଆରପିଏଫ୍ ଯବାନ ଆହତ



ଜମ୍ମୁ-କାଶ୍ମୀର,୧୧/୧୧: ଜମ୍ମୁ-କାଶ୍ମୀରରେ ପୁଣି ସୁରକ୍ଷାବଳକୁ ଟାର୍ଗେଟ୍। କୁଲଗାମ ଜିଲ୍ଲାର ଅଖରାନ୍ ସିଆରପିଏଫ୍ କ୍ୟାମ୍ପ ନିକଟରେ ନାକା ଚୁଟିରେ ମୁତୟନ ଯବାନଙ୍କ ଉପରେ ଗୁଳିମାଡ଼ କରିଛନ୍ତି ବାଇକ୍‌ରେ ଆସିଥିବା ଅଜଣା ଆକ୍ରମଣକାରୀ । ବୁଧବାର ଅପରାହ୍ନ ପ୍ରାୟ ୨ଟା ୧୫ ମିନିଟ୍ ସମୟରେ ଘଟିଥିବା ଏହି ଘଟଣାରେ ୩ ଜଣ ଭଳଟର ଯବାନ ଆହତ ହୋଇଛନ୍ତି । ଆହତଙ୍କୁ ଅନନ୍ତନାଗର ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି । ଆହତ ଯବାନମାନେ ହେଲେ ହେଡ୍ କନ୍ଷ୍ଟେବଳ ସୋମବୀର ଏବଂ କନ୍ଷ୍ଟେବଳ ସନ୍ତାନୀ ଓ ରାଜେଶ ଦାସ । ତିନିଜଣ ଯାକ ଭଳଟର ୪୬ତମ ବାଟାଲିୟନରେ ମୁତୟନ ଅଛନ୍ତି । ଗୁଳିମାଡ଼ରେ ଜଣେ ଯବାନଙ୍କ ଗୋଡ଼ରେ, ଅନ୍ୟ ଜଣଙ୍କ ହାତରେ ଏବଂ ତୃତୀୟ ଯବାନଙ୍କ ପିଠିରେ ଗୁଳି ବାଜିଛି । ଗୁଳି ଚଳାଇବା ପରେ ଆକ୍ରମଣକାରୀମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି । ଘଟଣା ପରେ ସୁରକ୍ଷାବଳ ପକ୍ଷରୁ ସମ୍ପୃକ୍ତ ଅଞ୍ଚଳରେ ତଲାସୀ ଅଭିଯାନ ଆରମ୍ଭ ହୋଇଛି । ରାସ୍ତାରେ ଯାଉଥିବା ଗାଡ଼ିମୋଟରକୁ ଯାଂଚ କରାଯାଉଥିବା ସହ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା ଜଡ଼ାଜଡ଼ି କରାଯାଇଛି । ଦକ୍ଷିଣ କାଶ୍ମୀରର ଏକ ସମ୍ବେଦନଶୀଳ ଅଞ୍ଚଳ ହେଉଛି କୁଲଗାମ । ଶ୍ରୀନଗରଠାରୁ ଏହାର ଦୂରତା ପ୍ରାୟ ୭୦ରୁ ୭୫ କିଲୋମିଟର । ଅନନ୍ତନାଗ ଓ ସୋପିଆଁ ସହ ଏହି ଅଞ୍ଚଳରେ ପୂର୍ବରୁ ମଧ୍ୟ ଆତଙ୍କୀ ଗତିବିଧି ଏବଂ ସୁରକ୍ଷାବଳଙ୍କ ଉପରେ ଆକ୍ରମଣ ଘଟଣା ସାମ୍ନାକୁ ଆସିଛି । ଅନ୍ୟପଟେ, ୨୦୨୪ରୁ ଏଯାଏଁ ଜମ୍ମୁ-କାଶ୍ମୀରରେ ୫୪୮ଟି ଆତଙ୍କୀ ଘଟଣା ଘଟିଥିବା ସୂଚନା ରହିଛି । ଏହି ଘଟଣାଗୁଡ଼ିକରେ ୪୫ ଜଣ ଯବାନ ସହିତ ଜଣେ ସ୍ଥାନୀୟ ଅଧିବାସୀ ଏବଂ ୧୩୮ ଜଣ ଆତଙ୍କୀ ନିହତ ହୋଇଛନ୍ତି । ଏହାର ତାରି ଦିନ ପୂର୍ବରୁ ଶ୍ରୀନଗରରୁ ଆତଙ୍କୀ ମଡ୍ୟୁଲ୍‌ରୁ ସହଯୋଗ କରୁଥିବା ଅଭିଯୋଗରେ ଦୁଇଜଣଙ୍କୁ ପୋଲିସ ଗିରଫ କରିଥିଲା । ମହିଳାମାନଙ୍କୁ ଟାର୍ଗେଟ୍ କରିବା ସହ ବିଚ୍ଛିନ୍ନତାବାଦୀ ବିଚାରଧାରା ଓ ପ୍ରଚାରକୁ ଆଗକୁ ବଢ଼ାଇବାରେ ଏହି ମଡ୍ୟୁଲ୍ ସମ୍ପୃକ୍ତ ଥିବା ପୋଲିସ ଅଭିଯୋଗ କରିଥିଲା । ତେବେ ଆକ୍ରମଣକାରୀଙ୍କ ପରିଚୟ ଓ ଆକ୍ରମଣର ଉଦ୍ଦେଶ୍ୟ ନେଇ ତଦନ୍ତ ଜାରି ରହିଛି ।

ଟଳିଲା ବଡ ଅଘଟଣ :

କଲକାତା-ସାଇରଙ୍ଗ ଏକ୍ସପ୍ରେସ"ର ୬ ବଗି ଲାଇନଚ୍ୟୁତ



ଗୌହାଟି,୧୧/୧୧: ବୁଧବାର ସକାଳେ ଆସାମର ଜାମତୁପ (ମେଘ୍ରୋ) ଜିଲ୍ଲାରେ ଏକ ବଡ଼ ଟ୍ରେନ୍ ଦୁର୍ଘଟଣାରୁ ଅଳ୍ପକେ ଟଳି ଯାଇଛି । ଗୌହାଟି ନିଉଟମ୍ବୁ ବିଗାରୁ ରେଳ ଷ୍ଟେସନରେ ଟ୍ରେନ ନମ୍ବର ୧୩୧୨୫ "କ ଲ କା ତା - ସା ଇ ର ଙ୍ଗ ଏକ୍ସପ୍ରେସ"ର ଇଞ୍ଜିନ ଏବଂ ୫ଟି କୋଚ୍ ଲାଇନଚ୍ୟୁତ ହୋଇଛି । ସୌଭାଗ୍ୟବଶତଃ, ଏହି ଘଟଣାରେ କୌଣସି ଯାତ୍ରୀ ଅଧିକ ଗୁରୁତର ହୋଇ ନାହାଁନ୍ତି । କିଛି ଯାତ୍ରୀ ଆହତ ହୋଇଥିବା କୁହାଯାଇଛି । ମାତ୍ର ସୁରକ୍ଷିତ ଅଛନ୍ତି । ଉତ୍ତର-ପୂର୍ବ ସୀମାନ୍ତ ରେଳବାଇର ମୁଖ୍ୟ ଜନସମ୍ପର୍କ ଅଧିକାରୀ ଙ୍କ ଅନୁଯାୟୀ, ଏହି ଘଟଣା ନଭେମ୍ବର ୧୧, ୨୦୨୬ ସକାଳ ପ୍ରାୟ ୬:୫୪ ସମୟରେ ଘଟିଥିଲା । କଲକାତା-ସାଇରଙ୍ଗ ଏକ୍ସପ୍ରେସକୁ ଅନ୍ୟ ଏକ ଟ୍ରେନକୁ ରାସ୍ତା ଦେବା ପାଇଁ ବିଗାରୁ ଷ୍ଟେସନରେ ଲୁପ୍ ଲାଇନରେ ନିଆଯାଇଥିଲା । ଲୋକୋ ପାଇଲଟ୍ ଟ୍ରେନ୍ ର ଗତି ଉପରେ ନିୟନ୍ତ୍ରଣ ହରାଇଥିଲେ, ଯାହା ଫଳରେ ଇଞ୍ଜିନ ଏବଂ ୫ଟି କୋଚ୍ ଲାଇନଚ୍ୟୁତ ହୋଇଥିଲା । ଟ୍ରେନର ଇଞ୍ଜିନ ଏବଂ କୋଚ୍ ଲାଇନଚ୍ୟୁତ ହେବା ମାତ୍ରେ ଏକ ଜୋରଦାର ବିସ୍ଫୋରଣ ଶବ୍ଦ ଶୁଣି ଯାତ୍ରୀମାନଙ୍କ ମଧ୍ୟରେ ଆତଙ୍କ ଖେଳି ଯାଇଥିଲା । ଦୁର୍ଘଟଣାରେ ଅନେକ ଯାତ୍ରୀ ଆହତ ହୋଇ ଛନ୍ତି । ଘଟଣା ବିଷୟରେ ସୂଚନା ପାଇବା ମାତ୍ରେ ରେଳ ପ୍ରଶାସନ, ସ୍ଥାନୀୟ ପୁଲିସ ଏବଂ ଉଦ୍ଧାରକାରୀ ଦଳ ତୁରନ୍ତ ଘଟଣାସ୍ଥଳକୁ ପହଂଚି ଥିଲେ । ଆହତମାନଙ୍କୁ ସୁରକ୍ଷିତ ଭାବରେ ଜୋରୁ ବାହାର କରାଯାଇ ପ୍ରାଥମିକ ଚିକିତ୍ସା ଯୋଗାର ବିଆଯାଇଥିଲା ଏବଂ ଗୁରୁତର ଆହତ ଯାତ୍ରୀମାନଙ୍କୁ ନିକଟସ୍ଥ ସୋନାପୁର ଜିଲ୍ଲା ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ରେଳବାର ପିପିଆରଓ କହିଛନ୍ତି ଯେ ପ୍ରାରମ୍ଭିକ ରିପୋର୍ଟରେ କୌଣସି ଜୀବନହାନି ହୋଇନାହିଁ ବୋଲି ଦର୍ଶାଯାଇଛି । ସମସ୍ତ ଯାତ୍ରୀ ସୁରକ୍ଷିତ ଅଛନ୍ତି । ରେଳ ପ୍ରଶାସନ ତୁରନ୍ତ ଯାତ୍ରୀମାନଙ୍କୁ ସେମାନଙ୍କ ଗନ୍ତବ୍ୟସ୍ଥଳକୁ ପରିବହନ କରିବା ପାଇଁ ଏକ ବିକଳ୍ପ ଟ୍ରେନ୍ ବ୍ୟବସ୍ଥା କରିଛି ।

ବାତ୍ୟା ପ୍ରଭାବିତଙ୍କୁ ବଡ ଆଶ୍ୱସ୍ତି : ଗଞ୍ଜାମ, ଗଜପତି ଓ କନ୍ଧମାଳର ସବୁ ବ୍ଲକକୁ ମିଳିବ ସହାୟତା



ଭୁବନେଶ୍ୱର,୧୧।୧୧(ନି/ପ୍ର): ବାତ୍ୟା 'ଅର୍ଣ୍ଣବ' ଦ୍ୱାରା ପ୍ରଭାବିତ ପରିବାରଗୁଡ଼ିକୁ ସହାୟତା ଯୋଗାଇଦେବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଘୋଷଣା କରାଯାଇଥିବା ରିଲିଫ୍ ପ୍ୟାକେଜକୁ ଆହୁରି ବ୍ୟାପକ କରାଯାଇଛି । ଗଞ୍ଜାମ, ଗଜପତି ଏବଂ ଜଜ୍ପମାଳ ଜିଲ୍ଲାର ସମସ୍ତ ବ୍ଲକକୁ ରିଲିଫ୍ ସହାୟତା ଯୋଗାଇ ଦିଆଯିବ ।ଏହି ତିନୋଟି ଜିଲ୍ଲାର ପ୍ରତ୍ୟେକ କୁଟୁ ପ୍ରତି ପରିବାରକୁ ୫୦ କିଲୋଗ୍ରାମ ଚାଉଳ ଏବଂ ୨,୫୦୦ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯିବ । ଗଞ୍ଜାମ, ଗଜପତି ଓ କନ୍ଧମାଳର ଜିଲ୍ଲାପାଳମାନେ ସମସ୍ତ ବ୍ଲକରେ ଯୋଗ୍ୟ ପରିବାରଗୁଡ଼ିକର ତାଲିକା ପ୍ରସ୍ତୁତ ଓ ଯାଂଚ ପ୍ରକ୍ରିୟା ତୁରନ୍ତ ଆରମ୍ଭ କରିବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି ।ତାଉଳର ସୂଚାରୁ ବଣ୍ଟନ ପାଇଁ ଜିଲ୍ଲା ପ୍ରଶାସନ ସିଧାସଳଖ ଜିଲ୍ଲା ନାଗରିକ ଯୋଗାଣ ଅଧିକାରୀ (ଉଝଡ) ଏବଂ ଓଡ଼ିଶା ରାଜ୍ୟ ନାଗରିକ ଯୋଗାଣ ନିଗମ (ଡଝଉଲ) ସହ ସମନ୍ୱୟ ରକ୍ଷା କରି ଚାଉଳ ମହଜୁତ୍ ଆଣିବେ । ୨୫୦୦ ଟଙ୍କାର ଆର୍ଥିକ ସହାୟତା ପ୍ରାଥମିକ ଭାବେ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଡିବିଟି (ଉଈଞ) ମାଧ୍ୟମରେ ପଠାଯିବ । ବ୍ୟାଙ୍କିଙ୍ଗ୍ ସେବା ବାଧାପ୍ରାପ୍ତ ହୋଇଥିବା ଅଞ୍ଚଳରେ ବିକଳ୍ପ ବ୍ୟବସ୍ଥାରେ ସହାୟତା ବଣ୍ଟାୟିତ ଏବଂ ଏହାର ସଠିକ୍ ରେକର୍ଡ ରଖାଯିବ ପ୍ରତିଦିନ ସନ୍ଧ୍ୟା ୫ ଟା ସୁଦ୍ଧା କୁଟୁରୀ ଚାଉଳ ଓ ଟଙ୍କା ବଣ୍ଟନର ରିପୋର୍ଟ ରାଜ୍ୟ ଜରୁରୀକାଳୀନ ପରିଚାଳନା କେନ୍ଦ୍ରକୁ ଜିଲ୍ଲାପାଳ ପଠାଇବେ ।

୧୭ରୁ ୨୦ ଯାଏଁ ଓଡ଼ିଶାରେ ବର୍ଷା

ଭୁବନେଶ୍ୱର,୧୧/୧୧(ନି/ପ୍ର): ଓଡ଼ିଶାର ପାଣିପାଗ ନେଇ ବଡ଼ ଖବର । ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ବଙ୍ଗୋପସାଗରରେ ନଭେମ୍ବର ୧୩ ତାରିଖ ବେଳକୁ ପୁଣି ଏକ ଲଘୁଚାପସୃଷ୍ଟି ହୋଇପାରେ । ୧୪ ତାରିଖରେ ଏହା ସ୍ପଷ୍ଟ ଚିହ୍ନିତ ହେବା ସମ୍ଭାବନା ରହିଛି । ପରେ ଏହା ଅବପାତର ରୂପ ନେଇପାରେ । ଲଘୁଚାପର ପ୍ରଭାବରେ ଓଡ଼ିଶାରେ ୪ ଦିନ ବର୍ଷା ହେବାର ସମ୍ଭାବନା ରହିଛି । ନଭେମ୍ବର ୧୭ରୁ ୨୦ ତାରିଖ ଯାଏଁ ଓଡ଼ିଶାରେ ବର୍ଷା ହୋଇପାରେ ବୋଲି ଆକଳନ କରାଯାଇଛି । ଚଳିତ ବର୍ଷ ରାଜ୍ୟରେ ବନ୍ୟା ସହ ବିଛି ମାତ୍ରାରେ ବାତ୍ୟାର ପ୍ରଭାବ ପଡ଼ିଛି । ଯାହା ଫଳରେ ଚାଷ ଆରମ୍ଭ ହେବା ଠାରୁ ଆରମ୍ଭ କରି ଏବେ ଚାଷ ଅମଳ ପର୍ଯ୍ୟନ୍ତ ଚାଷୀମାନେ ନାହିଁ ନଥିବାର ଅସୁବିଧା ଭୋଗୁଛନ୍ତି ।

ପୂର୍ବଜଙ୍କୁ ମିଳିବ ସମ୍ମାନ


ନାଗା ସମ୍ପ୍ରଦାୟର ପ୍ରାଚୀନ ଖପୁରି ଫେରାଇଲା ଅକ୍ସଫୋର୍ଡ



ନୂଆଦିଲ୍ଲୀ,୧୧/୧୧:ଭାରତରେ ବ୍ରିଟିଶ ଶାସନ ସମୟରେ ନାଗା ସମ୍ପ୍ରଦାୟରୁ ନେଇଥିବା ୩୯ ଜଣଙ୍କ ଅବଶେଷକୁ ଫେରାଇଛି ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟ । ଏ ଅବସରରେ ଗତ ସୋମବାର ଅକ୍ସଫୋର୍ଡର ପିଟ୍ ରିଭର୍ସ ମ୍ୟୁଜିୟମ୍‌ରେ ନାଗାଲାଣ୍ଡର ପ୍ରାୟ ୩୦ ଜଣିଆ ଏକ ପ୍ରତିନିଧିଦଳ ଏକ ଉତ୍ସବରେ ଯୋଗ ଦେଇଥିଲେ । ନାଗା ସମ୍ପ୍ରଦାୟକୁ ହସ୍ତାନ୍ତର କରାଯାଇଥିବା ଅବଶେଷ ମଧ୍ୟରେ ଅଧିକାଂଶ ଖପୁରି ରହିଛି । ଏସୁଡ଼ିକୁ ଭାରତ ଅଣାଯିବ ଏବଂ ନାଗା ସମ୍ପ୍ରଦାୟର ମୁଖ୍ୟଆକୁ ପ୍ରଦାନ କରାଯିବ । ସେମାନେ ଏହି ଅବଶେଷକୁ 'ସମ୍ମାନପୂର୍ବକ ଆଣନ' ରୂପେ ବିବେଚନା କରନ୍ତି । ଏସୁଡ଼ିକୁ ନାଗାଲାଣ୍ଡର ଏକ ପାର୍କରେ ସ୍ମାରକୀ ରୂପେ ସମାଧି ଦେବାର ଯୋଜନା ରହିଛି । ମ୍ୟୁଜିୟମ୍‌ରେ ନିର୍ଦ୍ଦେଶକ ଲୌରା ଭାନ୍ ଡ୍ରୋକ୍ ହୋଜ ଏହାକୁ ଐତିହାସିକ ମୁହୂର୍ତ୍ତ କହିଛନ୍ତି, ଯାହା ଭରତ ପିଢ଼ିକୁ ଏକ ସୁନ୍ଦର କାହାଣୀ ରୂପେ ବର୍ତ୍ତମାନ କରାଯିବ । ଏହି ମାନବ ଅବଶେଷଗୁଡ଼ିକୁ ବାର୍ଘଟଣାକ୍ରମେ ଅକ୍ସଫୋର୍ଡ ଏଥ୍ନୋଗ୍ରାଫିକ୍ ଅଞ୍ଚଳକରେ ପ୍ରଦର୍ଶନ କରାଯାଇଥିଲା । ୨୦୨୦ରେ ଏସୁଡ଼ିକୁ ସର୍ବସାଧାରଣଙ୍କଠୁ ଦୂରରେ ରଖାଗଲା,ଯାହାକୁ ଔପନିବେଶିକ ପ୍ରକ୍ରିୟାର ଅଂଶ ରୂପେ ବର୍ଣ୍ଣନା କରାଗଲା ।

ବିଶ୍ୱରେ ପୁଣି କରୋନାର ନୂଆ ଭାରିଆଣ୍ଟ

ଆମେରିକା, କାନାଡ଼ା ପରେ ଏସିଆ ଓ ୟୁରୋପରେ କାୟାବିସ୍ତାର



ନୂଆଦିଲ୍ଲୀ,୧୧/୧୧ : ବିଶ୍ୱରେ ପୁଣି ଥରେ ଜାୟା ମେଲାଇବାରେ ଲାଗିଛି କରୋନାର ନୂଆ ରୂପ । ଜୋଇଡ୍-୧୯ର ଏକ ନୂତନ ଭାରିଆଣ୍ଟ ପିକେ.୨.୧ଏବେ ଉତର ଆମେରିକା, ୟୁରୋପ, ଅଷ୍ଟ୍ରେଲିଆ ଏବଂ ଏସିଆର କିଛି ଦେଶରେ ଦ୍ରୁତ ଗତିରେ ବ୍ୟାପିବାରେ ଲାଗିଛି । ଗତ ମେ ମାସରେ ଜାନାଡ଼ାର ଓଟାରିଓରୁ ଚିହ୍ନଟ ହୋଇଥିବା ଏହି ଭାରିଆଣ୍ଟ ଏବେ ଗବେଷକ ତଥା ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଚିନ୍ତା ବଢ଼ାଇଛି । ତେବେ ଏହା ପୂର୍ବ ଭାରିଆଣ୍ଟ ତୁଳନାରେ ଅଧିକ ମାରାତ୍ମକ କି ନୁହେଁ, ସେନେଇ କୌଣସି ସ୍ପଷ୍ଟ ପ୍ରମାଣ ଏପର୍ଯ୍ୟନ୍ତ ମିଳିନାହିଁ । 'ଜର୍ଣ୍ଣାଲ୍ ଅଫ୍ ଇନଫେକ୍ସନ୍'ରେ ପ୍ରକାଶିତ ରିପୋର୍ଟ ଅନୁସାରେ, ପିକେ.୨.୧ ହେଉଛି ଜେନୋମିକ୍ ପରିବର୍ତ୍ତନ ହେଉ ଗତି କରିଥିବା ଏକ ସବଲିନେଜ୍ ଭାରିଆଣ୍ଟ । ଏହାର ସ୍ପାଇକ୍ ପ୍ରୋଟିନ୍ ମାନବ ଶରୀରର ଇଉଚ୍୨ ରିସେପ୍ଟର ସହିତ ସହଜରେ ଯୋଡ଼ି ହୋଇପାରୁଥିବାରୁ ଏହା ଦ୍ରୁତ ଗତିରେ କୋଷ ଭିତରକୁ ପ୍ରବେଶ କରୁଛି । କିନ୍ତୁ ଆଶ୍ୱସ୍ତିର କଥା ହେଉଛି, ପୂର୍ବରୁ ନେଇଥିବା କରୋନା ଟିକା ଏହି ଭାରିଆଣ୍ଟ ବିରୋଧରେ ପ୍ରତିରୋଧକ ଶକ୍ତି ଯୋଗାଇବାରେ ସକ୍ଷମ ବୋଲି ପରୀକ୍ଷାଗାର ଗବେଷଣାରୁ ଜଣାପଡ଼ିଛି । ଏହି ଭାରିଆଣ୍ଟରେ ଆକ୍ରାନ୍ତ ହେଲେ ସାଧାରଣ ଫ୍ଲୁ ଭଳି ଜ୍ୱର, କାଶ, ଗଳା ବରଜ, ନାକରୁ ପାଣି ବୋହିବା, ମୁଣ୍ଡବିନ୍ଧା ଏବଂ ଶରୀର ଯନ୍ତ୍ରଣା ଭଳି ଲକ୍ଷଣ ଦେଖାଯାଉଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁସାରେ, କରୋନା ଏବଂ ଫ୍ଲୁର ଲକ୍ଷଣ ପ୍ରାୟତଃ ସମାନ ଥିବାରୁ ଜେନ୍ଦ୍ର ଲକ୍ଷଣ ଦେଖି ରୋଗ ଚିହ୍ନଟ କରିବା ସମ୍ଭବ ନୁହେଁ । ତେଣୁ ଉପଯୁକ୍ତ ଡାକ୍ତରୀ ପରୀକ୍ଷା ଓ ଜିନୋମ୍ ସିକ୍ୱେନ୍ସିଂ ଉପରେ ଗୁରୁତ୍ୱ ଦିଆଯାଉଛି । ବିଶେଷକରି ୭୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ବ୍ୟକ୍ତି ଓ ଦୀର୍ଘସ୍ଥାୟୀ ରୋଗରେ ପୀଡ଼ିତ ଲୋକଙ୍କୁ ସତର୍କ ରହିବା ସହ ସମୟୋଚିତ ଦୃଷ୍ଟର ଡୋଜ୍ ନେବାକୁ ପରାମର୍ଶ ଦିଆଯାଇଛି । ଜର୍ଣ୍ଣାଲ ଅଫ୍ ଇନଫେକ୍ସନ ଏହି ଭାରିଆଣ୍ଟ ଉପରେ ଏକ ପ୍ରାରମ୍ଭିକ ଅଧ୍ୟୟନ ପ୍ରକାଶ କରିଛି । ଅଧ୍ୟୟନରୁ ଜଣାପଡିଛି ଯେ, ଏହାର ଦ୍ରୁତ ପ୍ରସାର ଏସିଇ-୨ ରିସେପ୍ଟର ସହିତ ଦୃଢ଼ ଭାବରେ ବନ୍ଧନ ଯୋଗୁଁ ହୋଇପାରେ। ଏହି ପରିବର୍ତ୍ତନ ଯୋଗୁଁ, ଏହା ଅନ୍ୟ ଭାରିଆଣ୍ଟ ତୁଳନାରେ ମାନବ କୋଷରେ ଅଧିକ ସହଜରେ ପ୍ରବେଶ କରିବାକୁ ସକ୍ଷମ ।

ପଞ୍ଜାବର ସଙ୍ଗରୁରରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା :

ଓଭରବ୍ରିଜକୁ ଧକ୍କା ଦେଇ ଓଲଟି ପଡ଼ିଲା ବସ୍, ୩ ମୃତ, ୨୬ ଆହତ



ଚଣ୍ଡିଗଢ଼,୧୧/୧୧: ପଞ୍ଜାବର ସାଙ୍ଗରୁରରୁ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାର ଖବର ଆସିଛି । ବୁଧବାର ସକାଳେ, ମୁଖ୍ୟମନ୍ତ୍ରୀଙ୍କ ସରକାରୀ ଗସ୍ତ ସ୍ଥଳରୁ ମାତ୍ର କିଛି କିଲୋମିଟର ଦୂରରେ ଭଟିଣ୍ଡା-ଚଣ୍ଡିଗଢ଼ ଜାତୀୟ ରାଜପଥରେ ଯାତ୍ରୀ ଭର୍ତ୍ତି ପେପ୍ସୁ ରୋଡ୍ ଟ୍ରାନ୍ସପୋର୍ଟ କର୍ପୋରେସନ (ପିଆରଟିସି) ଏକ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି । ରିପୋର୍ଟ ଅନୁସାରେ, ବସ୍‌ଟି ହଠାତ୍ ଓଭରବ୍ରିଜ୍ ନିକଟରେ ନିୟନ୍ତ୍ରଣ ହରାଇ ବ୍ରିଜ୍‌କୁ ଧକ୍କା ଦେଇ ରାସ୍ତାରୁ ଏକ କ୍ଷେତକୁ ଓଲଟି ପଡ଼ିଥିଲା । ଦୁର୍ଘଟଣାରେ ଘଟଣାସ୍ଥଳରେ ତିନି ଜଣଙ୍କର ମୃତ୍ୟୁ ଘଟିଛି ଏବଂ ୨୬ ଯାତ୍ରୀ ଆହତ ହୋଇଛନ୍ତି । ଘଟଣାସ୍ଥଳରେ ଉପସ୍ଥିତ ଲୋକଙ୍କ ସହାୟତାରେ ଆହତମାନଙ୍କୁ ସାଙ୍ଗରୁର ସିଭିଲ୍ ହସ୍ପିଟାଲକୁ ନିଆଯାଇଥିଲା । ସେମାନଙ୍କ ମଧ୍ୟରୁ ୧୫ ଜଣ ଗୁରୁତର ଆହତ ହୋଇଥିବାରୁ ସେମାନଙ୍କୁ ପଟିଆଲାର ରାଜିନ୍ଦ୍ର ହସ୍ପିଟାଲକୁ ପଠାଯାଇଥିଲା । ବାକି ଆହତମାନଙ୍କୁ ସ୍ଥାନୀୟ ସିଭିଲ୍ ହସ୍ପିଟାଲରେ ଚିକିତ୍ସା କରାଯାଉଛି । ରିପୋର୍ଟ ଅନୁସାରେ,ପେପ୍ସୁ ରୋଡ୍ ଟ୍ରାନ୍ସପୋର୍ଟ କର୍ପୋରେସନ ବସ୍‌ଟି ସାଙ୍ଗରୁର ଜିଲ୍ଲାର ଧୁରୀରୁ ଚଣ୍ଡିଗଢ଼ ଅଭିମୁଖେ ଯାଉଥିବା ସମୟରେ ଭୋର୍ ପ୍ରାୟ ୪:୩୦ ସମୟରେ ଏହି ଦୁର୍ଘଟଣା ଘଟିଥିଲା । ପୁଲିସର ସୂଚନା ଅନୁଯାୟୀ, ଅନେକ ଯାତ୍ରୀ ଭିତରେ ପସି ରହିଥିଲେ । ସ୍ଥାନୀୟ ଲୋକମାନେ ଯାତ୍ରୀମାନଙ୍କୁ ଉଦ୍ଧାର କରିବା ପାଇଁ ଘଟଣାସ୍ଥଳରେ ପହଂଚି ଥିଲେ । ପୁଲିସକୁ ତୁରନ୍ତ ଦୁର୍ଘଟଣା ସମ୍ପର୍କରେ ସୂଚନା ଦିଆଯାଇଥିଲା । ପୁଲିସର ଏକ ଦଳ ତୁରନ୍ତ ଘଟଣାସ୍ଥଳରେ ପହଂଚି ଥିଲା । ସ୍ଥାନୀୟ ଲୋକ ଏବଂ ପଥଚାରୀଙ୍କ ସହାୟତାରେ ପୁଲିସ ଯାତ୍ରୀମାନଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ନେଇଥିଲା । ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗବନ୍ତ ମାନ ଦୁର୍ଘଟଣା ଉପରେ ଦୁଃଖ ପ୍ରକାଶ କରିଛନ୍ତି । ଦୁର୍ଘଟଣାରେ ପ୍ରଭାବିତ ସମସ୍ତଙ୍କୁ ମାଗଣା ଚିକିତ୍ସା ଯୋଗାଇବା ପାଇଁ ସେ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି ।

ଡ଼ିସେୟରରୁ ମହଙ୍ଗା ହେବ ଅଣ୍ଡା ଓ କୁକୁଡ଼ା ମାଂସ !

ଭୁବନେଶ୍ୱର,୧୧/୧୧: ବରବାମ୍ ବୃଦ୍ଧିରେ ଅତିଷ୍ଠ ସାଧାରଣ ଗ୍ରାହକଙ୍କୁ ଲାଗିପାରେ ଆଉ ଏକ ଝଟକା । ଡିସେୟରରୁ ଅଣ୍ଡା ଓ କୁକୁଡ଼ା ମାଂସର ଦର ୨୫ରୁ ୩୦ ପ୍ରତିଶତ ପର୍ଯ୍ୟନ୍ତ ବଢ଼ିପାରେ ବୋଲି ଆକଳନ କରାଯାଉଛି । କୁକୁଡ଼ା ଖାଦ୍ୟ ପ୍ରସ୍ତୁତିରେ ବ୍ୟବହୃତ ମକା ଓ ଭଙ୍ଗା ଚାଉଳର ଦରରେ ବୃଦ୍ଧି ଏହାର ମୁଖ୍ୟ କାରଣ ବୋଲି କୁହାଯାଉଛି । ଏହାର ପ୍ରଭାବ ଆଗାମୀ ଦିନରେ ଅଣ୍ଡା ଓ କୁକୁଡ଼ା ମାଂସ ବଜାର ଉପରେ ପଡ଼ିବା ଆଶଙ୍କା ରହିଛି । ସୂଚନା ଅନୁଯାୟୀ, ଗତ ଛଅ ମାସ ମଧ୍ୟରେ କୁକୁଡ଼ା ଖାଦ୍ୟ ପ୍ରସ୍ତୁତିରେ ବ୍ୟବହୃତ ଜତାମାଲର ଦର ୩୦ରୁ ୪୦ ପ୍ରତିଶତ ବଢ଼ିଛି ।

ହର୍ମୁଜ୍‌ରେ ୩ ତେଲ ଟ୍ୟାଙ୍କର ଜାଳିଦେଲା ଇରାନ !



ନୂଆଦିଲ୍ଲୀ,୧୧/୧୧: ତେଲ ପରିବହନର ସବୁଠୁ ବଡ଼ ସମୁଦ୍ରପଥ ହର୍ମୁଜ୍ ଜଳପଥରେ ପୁଣି ଭୟଙ୍କର ଉତ୍ତେଜନା । ଜଳପଥ ଦେଇ ବିନା ଅନୁମତିରେ ଯାଉଥିବା ୩ଟି ତେଲ ଟ୍ୟାଙ୍କର ଉପରେ ଆକ୍ରମଣ ହୋଇଥିବା ଦାବି କରିଛି ଇରାନ । ତୁଇଟି ଟ୍ୟାଙ୍କରରେ ଭୟଙ୍କର ବିସ୍ଫୋରଣ ପରେ ନିଆଁ ଲାଗିଥିବା ଦେଖି ତୃତୀୟ ଟ୍ୟାଙ୍କରଟି ସମୁଦ୍ରରେ ପୋଡାଯାଇଥିବା ବାରୁଦ ସୁଡ଼ଙ୍ଗରେ ଧକ୍କା ହୋଇ ବିସ୍ଫୋରଣ ହୋଇଥିବା କହିଛି ଇରାନ । ଏହି ଘଟଣା ପରେ ମଧ୍ୟପ୍ରାଚ୍ୟରେ ପୁଣି ଯୁଦ୍ଧର ଆଶଙ୍କା ବଢ଼ିଛି । ଇରାନର ଇସଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ (ଓଇଏଜ) ମଙ୍ଗଳବାର ଏଭଳି ଦାବି କରିଛି । ଇରାନର କହିବା ଅନୁସାରେ, ହର୍ମୁଜ୍ ଜଳପଥରେ ତା'ର ଅନୁମତି ବିନା ନିର୍ଦ୍ଧାରିତ ରାସ୍ତା ଛାଡ଼ି ଯାଉଥିବା ତୁଇଟି ତେଲ ଟ୍ୟାଙ୍କରରେ ଭୋରବାର ବିସ୍ଫୋରଣ ହୋଇଥିଲା । ଏହାପରେ



କେନ୍ଦୁଝର ସମାଚାର

A.R. KHAN

ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122

କେନ୍ଦୁଝରରେ ଜାତୀୟ ଆଇନ ସହାୟତା ସେବା ଦିବସ



କେନ୍ଦୁଝର,୧୧/୧୧(ନି/ପ୍ର): କେନ୍ଦୁଝର ସଦର ମହକୁମାରେ ଜିଲ୍ଲା ଆଇନସହାୟତା ପ୍ରାଧିକରଣ ପକ୍ଷରୁ ଜାତୀୟ ଆଇନସହାୟତା ଦିବସ ସମାରୋହ ରେ ପାଳିତ ହୋଇ ଯାଇଛି ,ରୋଟାରୀ ଭବନ ପ୍ରେକ୍ଷାଳୟ ରେ ଜିଲ୍ଲା ଆଇନ ସହାୟତା ପ୍ରାଧିକରଣ ସମ୍ପାଦିକା ସୁଶ୍ରୀ ସସ୍ମିତା ନନ୍ଦିନୀ ତ୍ରିପାଠୀ ଙ୍କ ଅଧ୍ୟକ୍ଷତା ରେ ଆୟୋଜିତ ସମାରୋହ ରେ ଜିଲ୍ଲା ଜନସାମ୍ପୃକ୍ତ ଅଧିକାରୀ ଡାକ୍ତର ପୁରୁଷୋତମ ମହାନ୍ତ ,ଟାଉନ ଥାନା ଅଧିକାରୀ ସୁଶ୍ରୀ ପୁନମ ସେଠୀ ,ଜିଲ୍ଲା ରେଡକ୍ରସ ସୁସ୍ଥ ସମ୍ପାଦକ ଶ୍ରୀ ଏ ଆର ଖାନ , ସୁନାମଧନ୍ୟ ସମାଜ ସେବୀ ଧରିତ୍ରୀ ରାଉତ ଅତିଥିଭାବେ ଯୋଗ ଦେଇ ଜିଲ୍ଲା ଆଇନ ସହାୟତା ପ୍ରାଧିକରଣ ର ଜନକଲ୍ୟାଣ ମୂଳକ ମନୋଭାବ ର ପ୍ରଶଂସା କରିବା ସହିତ ଏହାର ଲୋଭାଭିମୁଖୀ କାରଜ୍ୟଧାରା ର ବିସ୍ତୃତ ବ୍ୟାଖ୍ୟା କରିବା ସହିତ ଏହାଦ୍ୱାରା ତୃଣମୂଳ ସ୍ତରର ସାଧାରଣ ଲୋକେ କିପରି ଉପକୃତ ହେଉଛନ୍ତି ତାର ସ୍ପଷ୍ଟ ଚିତ୍ର ଉପସ୍ଥାପନ କରିଥିଲେ ,ପ୍ରାଧିକରଣ ସଦସ୍ୟ ଅକ୍ଷୟ କୁମାର ତନ୍ତୁ ସମାରୋହ ପରିଚାଳନା କରିବା ସହିତ ଉଦ୍ଦେଶ୍ୟ ଆଲିମୁଖ୍ୟ ସମ୍ପର୍କରେ ବ୍ୟାଖ୍ୟା କରିଥିଲେ, ଜିଲ୍ଲା ଆଇନ ସହାୟତା ପ୍ରାଧିକରଣ ସମ୍ପାଦିକା ସୁଶ୍ରୀ ସସ୍ମିତା ନନ୍ଦିନୀ ତ୍ରିପାଠୀ ଅଧକ୍ଷ ଅଭିଭାଷଣରେ ପ୍ରାଧିକରଣ ର ଆଭିମୁଖ୍ୟ ଓ ଉପକୃତ ଜନସାଧାରଣ ଙ୍କ ବିସ୍ତୃତ ଆଲୋଚନା କରି ଆହୁରି ଅଧିକରୁ ଅଧିକ ଲୋକଙ୍କ ସହାୟତା ପାଇଁ ୨୪ଘଣ୍ଟ ସହାୟତା ପାଇଁ ସଂକଳ୍ପବଦ୍ଧ ବୋଲି କହିଥିଲେ, ଏ ଅବସର ରେ ବିଭିନ୍ନ ବର୍ଗର ହିତାଧିକାରୀ ମାନଙ୍କୁ ସଦର ବ୍ଲକ ପକ୍ଷରୁ ରାସନକାର୍ଡ ,ଶ୍ରମଅଧିକାରୀ ଙ୍କ ପକ୍ଷରୁ ଶ୍ରମିକ କାର୍ଡ , ବିବାହ ଆର୍ଥିକ ସହାୟତା, ମୃତ୍ୟୁ ପର ଆର୍ଥିକ ସହାୟତା, ଜିଲ୍ଲା ରେଡକ୍ରସସଂସ୍ଥା ପକ୍ଷରୁ ଜୟନ ପ୍ରଦାନ କରାଯାଇଥିଲା, ଏ ଅବସରରେ ଏକ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇ ସଂଗୃହୀତ ରକ୍ତ ମାନବ କଲ୍ୟାଣ ନିମନ୍ତେ ଜିଲ୍ଲା ରକ୍ତକେନ୍ଦ୍ର କୁ ପ୍ରଦାନ କରାଯାଇଥିଲା ।

ମଙ୍ଗଳପୁର-ଭୀମକୁଣ୍ଡ ରାସ୍ତା ନିର୍ମାଣ ବିଳମ୍ବକୁ ନେଇ ଉତେଜନା

ସୁପରଭାଇଜରଙ୍କୁ ଆକ୍ରମଣ ଅଭିଯୋଗ ୩ ଅଭିଯୁକ୍ତ ଗିରଫ , କୋର୍ଟ ଚାଲାଣ

ଘଟଣା,୧୧/୧୧(ନି.ପ୍ର): ବାର୍ଘ ୫ ବର୍ଷ ଧରି ମଙ୍ଗଳପୁର-ଭୀମକୁଣ୍ଡ ରାସ୍ତା ନିର୍ମାଣ କାର୍ଯ୍ୟ ଅଧପନ୍ତରିଆ ହୋଇ ପଡ଼ିରହିଥିବାକୁ ନେଇ ସ୍ଥାନୀୟ ଅଂଚଳରେ ଅସନ୍ତୋଷ ତୀବ୍ର ହୋଇଛି । ଏହି ଅସନ୍ତୋଷରୁ ଠିକାଦାଂସ୍ଥାର ସୁପରଭାଇଜରଙ୍କୁ ଆକ୍ରମଣ ଅଭିଯୋଗ ହୋଇଛି । ଘଟଣାରେ ଘଟଣାଟି ପୁଲିସ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।ଗିରଫ ଅଭିଯୁକ୍ତ ମାନେ ହେଲେ ପାତଣା ବ୍ଲକ ଛୋଟାଘର ଗ୍ରାମର ନିହାର ରଞ୍ଜନ ମହାନ୍ତ (୩୨), ସତ୍ୟାନନ୍ଦ ମହାନ୍ତ (୩୮) ଓ ସିଦ୍ଧାର୍ଥ ମହାନ୍ତ (୨୮) । ସୂଚନା ଅନୁଯାୟୀ, ମଙ୍ଗଳପୁରରୁ ପର୍ଯ୍ୟଟନସ୍ଥଳୀ ଭୀମକୁଣ୍ଡକୁ ସଂଯୋଗ କରୁଥିବା ରାସ୍ତା ବାର୍ଘ ୫ ବର୍ଷ ହେଲା ନିର୍ମାଣାଧୀନ ରହିଛି । ରାସ୍ତାର ଅବ୍ୟବସ୍ଥା ଓ ଅଧପନ୍ତରିଆ କଲଭର୍ଟ ଯୋଗୁଁ ସ୍ଥାନୀୟ ଲୋକ ସମେତ ଭୀମକୁଣ୍ଡକୁ ଆସୁଥିବା ପର୍ଯ୍ୟଟକ ମାନେ ଅନେକ ସମସ୍ୟା ଭୋଗୁଥିବା ସହ ଦୁର୍ଘଟଣାର ଶିକାର ହେଉଥିବା ଅଭିଯୋଗ ରହିଛି ।ଗତ ୨୨ ତାରିଖ ସନ୍ଧ୍ୟାରେ ଛୋଟାଘର ଗ୍ରାମ ନିକଟସ୍ଥ ଏକ ଅଧପନ୍ତରିଆ କଲଭର୍ଟ ନିକଟରେ ବାଇକ୍ ଦୁର୍ଘଟଣା ଘଟି ଜଣେ ବାଇକ ଆରୋହୀ ଗୁରୁତର ହୋଇଥିଲେ ।ଏହାକୁ ନେଇ ଘଟଣା ସ୍ଥଳରେ ଉତେଜନା ପ୍ରକାଶ ପାଇଥିଲା । ଏହି ସମୟରେ ରାସ୍ତା ନିର୍ମାଣ ଦାୟିତ୍ୱରେଥିବା ଅଲେଖ ଜନଖୁଣ୍ଟସନ୍ତ ସୁପରଭାଇଜର ତଥା ଜଟକ ଜିଲ୍ଲା ନରସିଂହପୁର ଅଂଚଳର ସୁରିରଞ୍ଜନ ଜେନାଙ୍କୁ ଜେରେକ ବ୍ୟକ୍ତି ଆକ୍ରମଣ କରିଥିବା ନେଇ ସେ ଘଟଣାଟି ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାର ରେ ଘଟଣାଟି ପୁଲିସ ଜେବ୍ ନମ୍ବର ୫୪୩/ ୨୬ରେ ମାମଲା ରୁଜୁ କରି ତଦନ୍ତ କରିବା ପରେ ଅପରାଧୀ ତିନି ଅଭିଯୁକ୍ତଙ୍କୁ ଗିରଫ କରିଛି । ତଦନ୍ତ ପରେ ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଜଣାପଡ଼ିଛି ।

ଭାରତ ସ୍କାଉଟ୍ସ ଓ ଗାଇଡ୍ସର ୭୭ତମ ପ୍ରତିଷ୍ଠା ଦିବସ ପାଳିତ



କେନ୍ଦୁଝର,୧୧/୧୧(ନି.ପ୍ର): ସରକାରୀ ମହିଳା ମହାବିଦ୍ୟାଳୟ ଓ ସରକାରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, କେନ୍ଦୁଝର ପକ୍ଷରୁ ୭ ନଭେମ୍ବର ଦିନ ଭାରତ ସ୍କାଉଟ୍ସ ଓ ଗାଇଡ୍ସ ରେ ଯୋଗ ଦେଇଥିବା ଛାତ୍ରୀମାନଙ୍କୁ ନିଜ ଜଲେଜ ଓ ନିଜ ମାଟିର ସେବା କରିବା ପାଇଁ ସର୍ବଦା ତତ୍ପର ରହିବାକୁ ପ୍ରତିଜ୍ଞା କରାଯାଇଥିଲା । ଏହି ଅବସରରେ ପଦଯାତ୍ରା ,ପତାକା ଷ୍ଟିକର୍, ବଟ୍ଟନ ଓ ପ୍ରଶ୍ନୋତ୍ତର ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହୋଇଥିଲା ଓ 'ଜଳବାୟୁପରିବର୍ତ୍ତନ' ଶୀର୍ଷକ ଏକ ସଚେତନତାମୂଳକ ବକ୍ତୃତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ବଲ୍ଲା ଶ୍ରୀମତୀ ରାଜଲକ୍ଷ୍ମୀ ମହାନ୍ତି ଜଳବାୟୁ ପରିବର୍ତ୍ତନର କାରଣ, ଏହାର ପ୍ରଭାବ ଓ ପରିବେଶ ସୁରକ୍ଷାର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ ।ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରୀମାନେ ଯୋଗଦାନ କରିଥିଲେ । ଛାତ୍ରୀମାନଙ୍କ ମଧ୍ୟରେ ଦେଶପ୍ରେମ, ସେବା ମନୋଭାବ, ଶୃଙ୍ଖଳା ଓ ପରିବେଶ ସୁରକ୍ଷା ପ୍ରତି ସଚେତନତା ସୃଷ୍ଟି କରିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ଥିଲା ।ମହାବିଦ୍ୟାଳୟର ଲେଖର ଭିତର ଶ୍ରୀମତୀ ସନ୍ଧ୍ୟାରାଣୀ ଶଙ୍କୁଆଜ ସଭା ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

ଘୁଷୁରାମୁଣ୍ଡା ଆଙ୍ଗନୱାଡ଼ି କେନ୍ଦ୍ର ତାଲା ବନ୍ଦ ଘଟଣା ଜିଲ୍ଲାପାଳଙ୍କୁ ଦାବିପତ୍ର

ବଲାଙ୍ଗୀର,୧୧/୧୧(ନି/ପ୍ର):ସିଭିଲ ରାଇଟ୍ସ ପ୍ରୋଟେକ୍ସନ ଫୋରମ ବଲାଙ୍ଗୀର ତରଫରୁ ଆବାହକ ଆଇନଜିବି ବିନେଶ ନାଗଙ୍କ ନେତୃତ୍ୱରେ ମୁରିବାହାଲ ବ୍ଲକ ଅଧିନରେ ଥିବା ଘୁଷୁରାମୁଣ୍ଡା ଆଙ୍ଗନୱାଡ଼ି କେନ୍ଦ୍ର ତାଲା ବନ୍ଧ ଘଟଣାକୁ ନେଇ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା । ଘଟଣାଟି ହେଲା ଘୁଷୁରାମୁଣ୍ଡା ଆଙ୍ଗନୱାଡ଼ି କେନ୍ଦ୍ରରେ ପାଚିକା ପଦବି ଦୀର୍ଘ ଦିନ ହେଲା ଖାଲି ପଡ଼ିଥିବାରୁ ସରପଞ୍ଚ ତରଫରୁ ନୂତନ ପାଚିକା ନିଯୁକ୍ତି ପାଇଁ ବିଜ୍ଞାପନ ଜାରି ହୋଇଥିଲା, ବିଜ୍ଞାପନ ଅନୁସାରେ ପାଂଚଜଣ ପ୍ରାର୍ଥୀ ଆବେଦନ କରିଥିଲେ ଏବଂ ଯୋଗ୍ୟତା ଅନୁସାରେ ପୂଣ୍ୟ ହରିପାଲଙ୍କୁ ନିଯୁକ୍ତି ମିଳିଲା । ପୂଣ୍ୟ ହରିପାଳ ପାଚିକା ଭାବରେ କିଛି ଦିନ ଜାମ ଜଲା ପରେ ସେହି ଗ୍ରାମର ଉଚ୍ଚ ଜାତିର ଲୋକ ଜାତିଆଣ ଭେଦଭାବ କରି ଆଙ୍ଗନୱାଡ଼ି କେନ୍ଦ୍ରରେ ତାଲା ମାରିଲେ, ସେମାନଙ୍କ ଯୁକ୍ତି ହେଲା ଅନୁପଯୁକ୍ତିତ ଜାତିର ପାଚିକା ରୋଷେଇ କଲେ ଆମେ ଆମ ପିଲାମାନଙ୍କୁ କେନ୍ଦ୍ରକୁ ଯିବାକୁ ଦେବୁନାହିଁ ଜାଉଣ, ସେ ଜଣେ ନିଚ ଜାତିର । ଆମେ ତାର ହାତ ରନ୍ଧା ଖାଦ୍ୟ ଆମ ପିଲାମାନଙ୍କୁ ଖାଇବାକୁ ଦେବୁନାହିଁ । ତା' ଦ୍ୱାରା ଆମ ଜାତି ମାରାଯିବ । ଏପରି କହି କେନ୍ଦ୍ରରେ ତାଲା ମାରିଲେ, ପାଚିକା, ପରିବର୍ତ୍ତୀକା ଓ ସିଡିପିଓ ମିଶି ପୁରିବାହାଲ ଥାନାରେ ଏତଲା ଦେଲେ ହେଲେ ଥାନା ଅଧିକାରୀ ଦୋଷୀ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ନାହିଁ । ଫଳରେ କେନ୍ଦ୍ର ବିର୍ଘ ଦିନ ଧରି ବନ୍ଦ ରହିଲା । ଅପରପକ୍ଷେ କିଛି ସାମାଜିକ ଜର୍ମା ଆନ୍ଦୋଳନ କରିବାରୁ ପୁଣି ଦୁଇ ଦିନ ପାଇଁ କେନ୍ଦ୍ର ଖୋଲାଗଲା ଏବଂ ପୁଣି ବର୍ତମାନ ତାଲା ବନ୍ଦ ରହିଛି । ସରକାରଙ୍କ ଦ୍ୱାରା ପରିଚାଳିତ ଏକ ଅନୁଷ୍ଠାନୁ ଜାତିଆଣ ଭେଦଭାବ ଭରି ତାଲା ବନ୍ଦ ଭରି ରଖିବା ନିଖିତ ଭାବରେ ପ୍ରଶାସନର ଅପାରଗତାକୁ ପ୍ରକାଶ କରୁଛି ।

ଗଣତନ୍ତ୍ର ପାଇଁ ସମ୍ବିଧାନ ବଂଚିଛି- ମନ୍ତ୍ରୀ ସୂର୍ଯ୍ୟବଂଶୀ

ଆନନ୍ଦ ବଜାରରେ ବିଜେପିର ବୁଦ୍ଧିଜୀବୀ ସମ୍ମିଳନୀ

ଭଦ୍ରକ,୧୧/୧୧(ନି/ପ୍ର): ଭଦ୍ରକ ଜିଲା ଧାମନଗର ବିଜେପି ପକ୍ଷରୁ ଆନନ୍ଦ ବଜାରସ୍ଥିତ ଓଁଶାନ୍ତି ଜଲ୍ୟାଣ ମଣ୍ଡପରେ 'ଅରାଜକତା ହଠାଓ ଗଣତନ୍ତ୍ର ବଚାଓ'ବୁଦ୍ଧିଜୀବୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି ଧାମନଗର ବିଧାୟକ ତଥା ଉଚ୍ଚ ଶିକ୍ଷା କ୍ରୀଡ଼ା ଓ ଯୁବବ୍ୟାପାର ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସମ୍ମିଳନୀକୁ ସମ୍ବୋଧିତ କରି ସ୍ୱାଧୀନତା ପରବର୍ତ୍ତୀ ଭାରତର ଗଣତନ୍ତ୍ର ସମ୍ବିଧାନ ଏବଂ ରାଜନୈତିକ ଘଟଣା ଉପରେ ଆଲୋକପାତ କରିଥିଲେ ।ମନ୍ତ୍ରୀ ଶ୍ରୀ ସୂରଜ କହିଲେ,ଗଣତାନ୍ତ୍ରିକ ବ୍ୟବସ୍ଥାରେ ସରକାର ଆସିବ ଏବଂ ଯିବ ।ଏହା ଏକ ସ୍ପୃହ ସାମ୍ବିଧାନିକ ପ୍ରକ୍ରିୟା ।ଆଜିର ସମୟରେ କିଛି ରାଜନୈତିକ ଦଳ ଅମଳା କିମ୍ବା ମନୋଭାବ ଏବଂ ବିବେକୀ ଶକ୍ତିର ସହାୟତାରେ ଦେଶରେ ଅରାଜକତା ସୃଷ୍ଟି ଭଳି ହୀନ ଉଦ୍ୟମ କରୁଛନ୍ତି ।ଯାହା ଗ୍ରହଣୀୟ ନୁହଁ ।ସେମାନେ ଭୁଲି ଯିବା ଉଚିତ ନୁହଁ କି ଭିତ୍ତରେ ସରକାର ବଦଳି ଯିବ ନାହିଁ ।ସାମ୍ବିଧାନିକ ବ୍ୟବସ୍ଥା ଓ ବିଶ୍ୱାସ ହିଁ ସରକାର ଗଠନ କରାଏ ।ଦେଶକୁ ଲକ୍ଷ୍ୟ ସମସ୍ତ ଶାସନ କରିଥିବା କଂଗ୍ରେସ କ୍ଷମତା ପାଇଁ ଦେଶରେ ଜରୁରୀକାଳୀନ ପରିସ୍ଥିତି ଲାଗୁ କରିଥିଲା ।ଏହି ସମୟର ଜଳା ଇତିହାସକୁ ଲୋକମାନେ ମନେ ରଖିଛନ୍ତି ।ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଦବି ମଚରି ଦେବାକୁ ଯେଉଁ କଂଗ୍ରେସ ଉଦ୍ୟମ କରିଥିଲା ଆଜି ସେହି ଦଳ ଗଣତନ୍ତ୍ର ସମ୍ବିଧାନକୁ ନେଇ ନାଟକବାଜି କରିବା ହାସ୍ୟାସ୍ପଦ ।ଭୋଟ ଚୋରି ପ୍ରସଙ୍ଗରେ ମତ ରଖି ସେ କହିଲେ ଯେ ଯେଉଁଠି ବିଜେପି ଜିତୁଛି ସେଠି ଭୋଟ ଚୋରି ହେଉଛି କିନ୍ତୁ କଂଗ୍ରେସ ଜିତିଲେ ଚୋରି ହେଉନାହିଁ ।ସମାନ ଇଭିଏମ୍ରେ ଏହା କିପରି ସମ୍ଭବ ପ୍ରଶ୍ନ କରି ଏସଆଇଆର ଜିଏ ଆରମ୍ଭ କରିଥିଲା ଏବଂ ପଶ୍ଚିମବଙ୍ଗରେ ଏହି ପ୍ରକ୍ରିୟାରେ ବାଧ ପଡିଥିବା ଭୋଟରଙ୍କ ମଧ୍ୟରୁ ୬୩ ପ୍ରତିଶତ ହିନ୍ଦୁ ବୋଲି ମତବେଦ ସେ ବିରୋଧୀମାନେ ଅଭିଯୋଗ ଆଧାର ହୀନ କହିଥିଲେ ।ଗତ ୧୩ ବର୍ଷ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ବିଜ୍ଞାନର ଶୀର୍ଷକୁ ଉଠୁଥିବା ବେଳେ ଆମ ଦେଶ ଏବେ ଆର୍ଥିକ ସାମାଜିକ ପ୍ରତିରକ୍ଷା ସୂଚନା ପ୍ରଯୁକ୍ତି ବିଦ୍ୟା ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରି ବିଶ୍ୱର ଚତୁର୍ଥ ବୃହତ ଅର୍ଥନୀତି ହେବା ଏକ ବଡ଼ ଉପଲବ୍ଧି ବୋଲି ମତବେଦ ବୁଦ୍ଧିଜୀବୀ ସମାଜ ଜାଲିଓ ଓ ଆଜିର ଭାରତକୁ ସମୀକ୍ଷା କରିବାକୁ ଅନୁରୋଧ କରିଥିଲେ ।ଭଦ୍ରକ ଜିଲ୍ଲା ବିଜେପି ମିଡିଆ ସେଲ ଅଧକ୍ଷ ବିଶ୍ୱଜିତ ନାଥ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ମିଳନୀରେ ଧାମନଗର ପଂଚାୟତ ସମିତିର ପ୍ରାକ୍ତନ ଅଧକ୍ଷ ନାରାୟଣ ସାହୁ,ବରିଷ୍ଠ ନେତା ଅଶୋକ ପୁରୀଣା,ସୈଳାଶ ମହାପାତ୍ର,ଗଜୁରାଖ ଲଙ୍କା,ଜିଲ୍ଲା ଉପସଭାପତି ବଦ୍ରୁଜ ନାୟକ ପ୍ରମୁଖ ବକ୍ତବ୍ୟ ରଖିଥିଲେ ।

ଜମୁଛି ୪୩ ବର୍ଷରେ ଅଡାଳପଙ୍କ କାଳି ପୂଜା

ଭଦ୍ରକ,୧୧/୧୧(ନି.ପ୍ର): ଭଦ୍ରକ ଜିଲା ବଡ଼ ବ୍ଲକ ଅଡାଳପଙ୍କର ସାର୍ବଜନୀନ ମା' କାଳୀ ପୂଜା ପାଇଁ ସମସ୍ତ ଅଂଚଳ ଉତ୍ସବ ମୁଖର ହୋଇଛି । ଚଳିତ ବର୍ଷ ଏହି ପୂଜା ୪୩ ବର୍ଷରେ ପଦାର୍ପଣ କରିଥିବା ବେଳେ ପୂଜା କମିଟିର ସଦସ୍ୟ ମାନଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ପରିଲକ୍ଷିତ ହୋଇଛି । ଏହି ପୂଜା ଏଠାରେ ୬ ଦିନ ବ୍ୟାପି ପାଳନ କରାଯିବ । ଆରମ୍ଭପଦା ବରହମପୁର ଗ୍ରାମର ମୂର୍ତି କାରିଗର କର୍ଣ୍ଣମାଝୀ ମା' କାଳୀଙ୍କ ପ୍ରତିମୂର୍ତିଏଂ ବହୁ ଚର୍ତିତ ଦାନ ମାଝୀ ଘଟଣା ଓ ବିଲୁଜି ଜନ୍ୟା ପାର୍ଶ୍ୱ ମୂର୍ତି ମୁଖ୍ୟ ଆକର୍ଷଣ ସାଜି ଥିବା ବେଳେ ଏହା ଶ୍ରଦ୍ଧାଳୁଙ୍କୁ ଆକୃଷ୍ଟ କରୁଛି । ପୂଜା ପାଇଁ ବୋଜି ମିନା ବଜାର ଆଦି ପଡିଆରେ ଶୋଭା ପାଉଥିବା ବେଳେ ଆକର୍ଷଣୀୟ ତୋରଣ ଓ ଆଲୋକ ମାଳାରେ ସଜ୍ଜିତ କରାଯାଇଛି । ସ୍ଥାନିୟ କୃଷ୍ଣ ସାଗର ପୁଷ୍କରଣୀରୁ କଳସ ବୁଡାଯାଇ ମା'ଙ୍କ ମଣ୍ଡପରେ ସ୍ଥାପନା ପୂର୍ବକ ପୂଜାରମ୍ଭ କରାଯାଇଛି । ପଣ୍ଡିତ ଗୋପାଳ ପଣ୍ଡା ଓ ଅଶୋକ ବାଣ ପୂଜକ ଭାବେ ଠାକୁରଙ୍କ ରୁଷ୍ଟିଭୂତ ନିତି ଅନୁଯାୟୀ ପୂଜାର୍ଚନା କରିଥିଲେ । ପୂଜା କମିଟିର ସଭାପତି ସୁଧାକର ତ୍ରିପାଠୀ, ସାମ୍ପାଦକ ନିମାଇଁ ଚରଣ ବିଶ୍ୱାଳ,ଲୋକାଖ୍ୟକ୍ଷ ଆଲୋକ କୁମାର ଜଣ,ସୁଧାକର ବଳ, ସମ୍ବୁନାଥ ମହାରଣା,ଜଗନ୍ନାଥ ପଣ୍ଡା,ମଙ୍କୁଳି ନାୟକ,ସନାତନ ମହାରଣା,ଗଡିକାନ୍ତ ଜେନା, ଜୋଦଣ୍ଡ ଜେନା,ବନମାଳୀ ତ୍ରିପାଠୀ,ଭାସ୍କର ଚନ୍ଦ୍ର ତ୍ରିପାଠୀ, ଜମଳା ବିଶ୍ୱାଳ,ଉତ୍ସାକର ଖୁଣାର, ପଦୁମାକ ସେଠୀ, ହରେକୃଷ୍ଣ ରାଉତ, ବୃନ୍ଦାବନ ବେହେରା, ଶୁଭକାନ୍ତ ଜେନା, ଜୈକାଶ ପାତ୍ର, ବିକ୍ରମାବିତ୍ୟ ତ୍ରିପାଠୀ, ପ୍ରଫୁଲ୍ଲ କୁମାର ରାଉତ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରୁଛନ୍ତି ।

ମା ସୁରେଶ୍ୱରୀ ଓ ମା ଭଗବତୀଙ୍କ ଜାଳୀବେଶ ଦର୍ଶନ

ସୁବର୍ଣ୍ଣପୁର,୧୧/୧୧: ପବିତ୍ର ବୀପାବକି ଅବସରରେ ଦ୍ୱିତୀୟ ବାରାଣସୀ ସୁବର୍ଣ୍ଣପୁରର ବୁଢ଼ ପ୍ରମୁଖ ଆରାଧ୍ୟା ମା' ସୁରେଶ୍ୱରୀ ଓ ମା' ଭଗବତୀଙ୍କ ଆକର୍ଷଣୀୟ ଜାଳୀବେଶ ଅନୁଷ୍ଠିତ ହୋଇଥିଲା । ଜାତିକ ଅମାବାସ୍ୟା ଅବସରରେ ଜାଳୀବେଶ ଦର୍ଶନ ପାଇଁ ଭକ୍ତଙ୍କ ଭିଡ଼ ଲାଗିଥିଲା । ଉଭୟ ଦେବୀଙ୍କ ବିଭ୍ୟ ଜାଳୀରୂପ ଦର୍ଶନ ପାଇଁ ଭକ୍ତମାନଙ୍କ ମଧ୍ୟରେ ବିଶେଷ ଉତ୍ସାହ ଓ ଭକ୍ତିଭାବ ପରିଲକ୍ଷିତ ହୋଇଥିଲା । ଦୀପମାଳା, ଟଂଟଂଟା ଓ ମଷ୍ଟୁଜିରେ ଉଭୟ ପୀଠରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା ।

ପୀରହାଟ ପୁରୁଣା ବଜାରରେ ମା ଶ୍ୟାମାକାଳୀଙ୍କ ପୂଜା

ପୋଡ଼ା ମାଛ ନୈବେଦ୍ୟ ଏକ ନିଆରା ପରମ୍ପରା

ଭଦ୍ରକ,୧୧/୧୧(ନି.ପ୍ର): ଭଦ୍ରକ ଜିଲ୍ଲା ଚିହ୍ନିତି ବ୍ଲକ ହରଦିଂପୁର ପଂଚାୟତ ଅଧିନ ପିରାହାଟ ପୁରୁଣା ବଜାରରେ ମା ଶ୍ୟାମା କାଳୀଙ୍କ ପୂଜା ବଡ଼ ଧୁମ ଧାମରେ ପାଳିତ ହେଉଛି । ମାଙ୍କୁ ଆବାହନ ପରଠୁଁ ବିସର୍ଜନ ପର୍ଯ୍ୟନ୍ତ ପୋଡ଼ା ମାଛ ନୈବେଦ୍ୟ ଭାବେ ଅର୍ପଣ କରାଯିବା ଏକ ନିଆରା ପରମ୍ପରା ।ପ୍ରତିବିନ ମଧ୍ୟାହ୍ନରେ ଏହା ଅର୍ପଣ କରାଯାଉଥିବା ବେଳେ ଶ୍ରଦ୍ଧାଳୁମାନେ ମଧ୍ୟ ଆମିଷ ଭୋଜନ କରିଥାନ୍ତି କ୍ଷଏହି ପରମ୍ପରା ବାର୍ଘ୭୭ ବର୍ଷ ହେଲା ରହି ଆସିଛି । ମାଙ୍କ ମୃଣ୍ମୟ ମୂର୍ତିକୁ ମଣ୍ଡପରେ ସ୍ଥାପନା କରାଯାଇ ପୂଜାର୍ଚନା କରାଯାଉଛି । ସୁସଜ୍ଜିତ ତୋରଣ ସାଜୁକ ରଙ୍ଗୀନ ଆଲୋକମାଳା ପୂଜା ମଣ୍ଡପର ଶୋଭା ବର୍ଦ୍ଧନ କରୁଛି । ରବିବାର ଅମାବାସ୍ୟା ରାତିରେ ଜଳସ ବୁଡ଼ା କାର୍ଯ୍ୟ ସମ୍ପନ୍ନ ହେବା ପରେ ସୋମବାର ଠାରୁ ପୂଜା କାର୍ଯ୍ୟ ଯଥା ରୀତିରେ ଅନୁଷ୍ଠିତ ହେଉଛି । ୧୯୪୯ ରେ ସ୍ଥାନୀୟ ଅଧିବାସୀଙ୍କ ଉଦ୍ୟମରେ ଏକ ଛପର ଘରେ ଏହି ପୂଜା ଆରମ୍ଭ ହୋଇଥିଲା । ସ୍ୱର୍ଗତ ପରମାନନ୍ଦ ପାଣିଗ୍ରାହୀ, କୃଷ୍ଣଚନ୍ଦ୍ର ସାହୁ, ବୈଦ୍ୟନାଥ ମହାନ୍ତି, ନୀଳମଣି ମହାନ୍ତି, ଶରତ ମହାନ୍ତି, ଜାମବେଡ଼ ପାଣିଗ୍ରାହୀ ପ୍ରମୁଖ ପୂଜା ଆରମ୍ଭର ମୁଖ୍ୟ ପୁରୋଧା ଥିଲେ । ସେହିବିନ ଠାରୁ ମାଙ୍କ ନିକଟରେ ଆମିଷ ଭୋଗ ଓ ପୋଡ଼ା ମାଛ ନୈବେଦ୍ୟ ଭାବେ ଅର୍ପଣର ପରମ୍ପରା ରହିଆସିଛି । ପୂଜା ଆରମ୍ଭ ଦିନ ଆଖପାଖ ଅଂଚଳର ବହୁ ଶ୍ରଦ୍ଧାଳୁ ଆମିଷ ଅନ୍ନ ଭୋଜନ କରିଥାନ୍ତି । ଏହାଛଡ଼ା ପ୍ରତିବି ମାନସିକଧାରୀମାନେ ମଧ୍ୟ ପାଳି ଜରି ଶ୍ରଦ୍ଧାଳୁମାନଙ୍କୁ ଅନ୍ନ ଭୋଜନ ପ୍ରଦାନ କରିଥାନ୍ତି । ଚଳିତ ବର୍ଷ ପୂଜକ ଭାବେ ଶ୍ୟାମସୁନ୍ଦର ମିଶ୍ର, ରଣ୍ଡୁରଞ୍ଜନ ମିଶ୍ର ଓ ବିଶ୍ୱରଞ୍ଜନ ମିଶ୍ର ପୂଜାକାର୍ଯ୍ୟ ତୁଲାଉଛନ୍ତି । ପୂଜା କମିଟିର ସଭାପତି ମୁଖ୍ୟ ପୁରୋଧା ଥିଲେ । ସେହିବିନ ଠାରୁ ମାଙ୍କ ନିକଟରେ ଆମିଷ ଭୋଗ ଓ ପୋଡ଼ା ମାଛ ନୈବେଦ୍ୟ ଭାବେ ଅର୍ପଣର ପରମ୍ପରା ରହିଆସିଛି । ପୂଜା ଆରମ୍ଭ ଦିନ ଆଖପାଖ ଅଂ

ବିବିଧା

ରାଶିଫଳ

ମେଷ: ପୁରୁଣା ରୋଗ ସମସ୍ୟା ଦୂର ହେବ। ପଦୋନ୍ନତିର ଆଶଙ୍କା ଅଛି। ବ୍ୟବସାୟ ଜଟିତ ଦୂରଯାତ୍ରା ଯୋଗ ରହିଛି। । ବିଗୋଧୀଙ୍କଠାରୁ ଦୂରତ୍ୱ ରକ୍ଷା କରିବେ।

ବୃଷ: ବିଳମ୍ବିତ ଚଳଚଞ୍ଚଳ ରହିବେ। ଅର୍ଥ ନିବେଶ ପାଇଁ ଅନୁକୂଳ ସମୟ। ଛାତ୍ରଛାତ୍ରୀ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି କରିବେ। ମାତାଙ୍କୀଙ୍କ ଆଶୀର୍ବାଦ ଓ ସହଯୋଗ ମିଳିବ।

ମିଥୁନ: ଦାମ୍ପତ୍ୟ ଜୀବନରେ ସମସ୍ୟା ଆସିବ। ଗୁରୁଜନଙ୍କ ପରାମର୍ଶ ରେପ ନୂତନ ବ୍ୟବସାୟ ଆରମ୍ଭ କରିବେ। ପରି-ପଡୋଶ ମଧ୍ୟରେ ମନାନ୍ତର ହେବ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ।

କର୍କଟ: ଅର୍ଥ ସଞ୍ଚୟ କରିବେ। ଭବିଷ୍ୟତ ପାଇଁ ଚିନ୍ତା କରନ୍ତୁ। ପାରିବାରିକ ଜୀବନ ସୁଖମୟ ହେବ। ଅନ୍‌ଲାଇନ୍ କାର୍ଯ୍ୟରୁ ଲାଭ ମିଳିବ। ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ।

ସିଂହ: ଯୌଥର ଖଖ ଜାମ କରନ୍ତୁ। ପିଲାଙ୍କ ସହ ସମୟ ଅତିବାହିତ କରିବେ। ମନିବାର ସହ ଦୀର୍ଘଯି ସ୍ଥାନକୁ ବୁଲିବାକୁ ମିଳେ। ସ୍ୱାସ୍ଥ୍ୟରେ ସୁଧାର ହେବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

କନ୍ୟା: ଚାକିରିରେ ନଜରି ପ୍ରଯୋଜ୍ୟ ଅଛି। ଜମି ଟିକାଦାର ଦେଖା ଦେବ। ସରକାରୀ ଚାକିରିଆଙ୍କ ପାଇଁ ଭଲ ସମୟ। ଜୀବନସାଥୀଙ୍କ ସହଯୋଗ ମିଳିବ। ଅଜାନକ ଶୁଭ ଖବର ପାଇବେ।

ତୁଳା: ଆୟର ନୂଆ ମାର୍ଗ ଜନୁନ୍ମ ହେବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଦାନଧର୍ମ କରନ୍ତୁ। ପ୍ରେମ ବ୍ୟାପାରରେ ସଫଳତା ମିଳିବ। ବ୍ୟବସାୟରେ ପରିବର୍ତ୍ତନ ଆସିବ।

ବିଛା: ନୂତନ ବ୍ୟବସାୟ ପାଇଁ ଯୋଜନା କରିବେ। ଦୂର ସ୍ଥାନକୁ ଯାତ୍ରା କରିବେ। ନୂଆ ଲୋକଙ୍କ ସହ ଘନିଷ୍ଠ ଜନିଷ୍ଠ ହେବ। ଅଧିକ ଖର୍ଚ୍ଚାନ୍ତ ହେବେ। ଧାର୍ମିକ ସ୍ଥାନକୁ ଯିବାର ଯୋଜନା କରିବେ।

ଧନୁ: ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଯାନବାହନ ଜିଣିପାରନ୍ତି। ପରିବାର ସଦସ୍ୟଙ୍କ ସହ ସମୟ ଅତିବାହିତ କରିବେ। ଦାମ୍ପତ୍ୟ ଜୀବନ ମଧୁମୟ ହେବ। ଭାବିଚିନ୍ତି କାର୍ଯ୍ୟ କରିବା ଭଲ।

ମକର: ଅବିବାହିତଙ୍କ ବିବାହ ସ୍ଥିର ହେବ। ନିଜ ବାୟିତ୍ୱ ସ୍ୱତାରୁରୂପେ ଚୁଲାଇବେ। ଅଧିକ ଖର୍ଚ୍ଚାନ୍ତ ହୋଇପାରନ୍ତି। ରାଜନୀତିରେ ସକ୍ରିୟ ରହିବେ। କଳା ଓ ସାହିତ୍ୟ କ୍ଷେତ୍ରରେ ରୁଚି ବଢ଼ିବ।

କୁମ୍ଭ: ଦିନଟି ମିଶ୍ର ଫଳ ପ୍ରଦାନ କରିବ। ମନ ବିଚଳିତ ରହିବେ। ଛାତ୍ରଛାତ୍ରୀଙ୍କୁ ଶୁଭ ଫଳ ମିଳିବ। ବ୍ୟବସାୟରେ ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ଦାମ୍ପତ୍ୟ ଜୀବନ ସୁଖମୟ ରହିବ।


ମୀନ: ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ଅର୍ଥ ରୋଜଗାର ପାଇଁ ନୂତନ ମାର୍ଗ ପିଟିବେ। କୌଣସି ଜଥାକୁ ନେଇ ଚିନ୍ତାରେ ରହିବେ। ନୂଆ କାମରେ ପରିବାରର ସହଯୋଗ ମିଳିବ।

ଚଞ୍ଚଳ ଓଜ୍ଜାଟ

- ୧୮୮୯- ୱାଶିଂଟନ୍‌କୁ ଆମେରିକାର ୪୨ ତମ ପ୍ରାନ୍ତ ଘୋଷଣା କରାଗଲା।
- ୧୯୫୬- ରାଜଧାନୀ ଦିଲ୍ଲୀ ଛେଡ଼ରାଶୀତିତ ଅଞ୍ଚଳ ହେଲା।
- ୧୯୬୬- ନାସା ମହାକାଶଯାନ 'ଜେମିନି-୧୨' ଲଞ୍ଚ୍ କଲା।
- ୧୯୭୩- ପ୍ରଥମ ଅନ୍ତରାଷ୍ଟ୍ରୀୟ ଡାକଟିକଟ ପ୍ରଦର୍ଶନୀ ନୂଆଦିଲ୍ଲୀରେ ଆରମ୍ଭ ହେଲା।
- ୧୯୮୨- ଉତ୍ତ୍ରାଏଲର ସେନା ମୁଖ୍ୟାଳୟରେ ଗ୍ରାଏ ବିସ୍ଫୋରଣ ଯୋଗୁଁ ପାଖାପାଖି ୬୦ ଲୋକଙ୍କ ମୃତ୍ୟୁ।

ଡିସେମ୍ବର ୪ରେ ମହାମୁକାବିଲା

ଆସନ୍ତା ଡିସେମ୍ବର ୪ରେ ବକ୍ସ ଅଫିସ୍‌ରେ ଏକ ବଡ଼ ଲଢ଼େଇ ଦେଖିବାକୁ ମିଳିବ। ଗୋଟିଏ ପଟେ ବଲିଉଡ୍‌ର ସୁପରଷ୍ଟାର୍ ସଲମାନ୍ ଖାନ୍‌ଙ୍କ ବେଖାମ୍ପର୍‌ବାଧକ ଫିଲ୍ମ 'ବଟର' ଅନ୍ୟପଟେ ଶ୍ରଦ୍ଧା କପୁରଙ୍କ ଅଭିନୀତ ଏକ ଭିନ୍ନ ସ୍ୱାଦର ଚଳଚ୍ଚିତ୍ର ଏକାସଙ୍ଗେ ବଡ଼ ପରଦାକୁ ଆସୁଛି। ଏହି ମହାମୁକାବିଲାକୁ ନେଇ ଏଠାରୁ ବର୍ତ୍ତମାନ ଓ ସିନେପ୍ରେମୀଙ୍କ ମଧ୍ୟରେ ଉତ୍ସାହ ଦ୍ୱିଗୁଣିତ ହୋଇଯାଇଛି। 'ଇଠା' ମ୍ୟାଡକ୍ ଫିଲ୍ମସ୍ ବ୍ୟାନରରେ ନିର୍ମିତ ଏକ ଗ୍ରାମ୍ଯ ଥ୍ରୁଲିର୍-ଦାଏ।ଏସ୍‌ପିଏସ୍ ଚରଚରିତ୍ର। ଏହା ମଡାରାଣ୍ଡର ପାରମ୍ପରିକ ଲୋକନୃତ୍ୟ ଓ ସଂସ୍କୃତି ଉପରେ ଆଧାରିତ। ଶ୍ରଦ୍ଧା କପୁର, ରଣଦୀପ ହୁଡା, ମହେଶ୍ୱର ଭିଜାନ ଆହୁଜା, ସିଦ୍ଧାର୍ଥ ଯାଦବ ଏବଂ ନାନା ପାଟେକର ଏଥିରେ ମୁଖ୍ୟ ଭୂମିକାରେ ନଜର ଆସିବେ। ଲକ୍ଷ୍ମଣ ଉତେକର ଏହାର ନିର୍ଦ୍ଦେଶନା ଦେଇଛନ୍ତି। ଏହି ଫିଲ୍ମଟି ମହାରାଷ୍ଟ୍ରର ପ୍ରସିଦ୍ଧ 'ତମାସା' ଏବଂ 'ଲାବଣୀ' ଲୋକକଳାକାର ବିଠାବାଲ ଲାଭ ମାଙ୍ଗ ନାରାୟଣଗାଓଁକରଙ୍କ ବାସ୍ତବ ଜୀବନ ଉପରେ ଆଧାରିତ। ଜଣେ ସାଧାରଣ କଳାକାରରୁ ଜିଲ୍ଲାଜି ସେ ସାମାଜିକ ପ୍ରତିବନ୍ଧକ ଓ ସଂଘର୍ଷର ସାମ୍ନା କରି କିପ୍ରକାର ସାଂସ୍କୃତିକ ଆଇକନ୍ ପାଲଟିଥିଲେ, ତାହା ଏଥିରେ ଦେଖାଯାଇଛି। ସେହିଭଳି ସଲମାନ ଖାନ୍ ଏବଂ ଜିଓ ଷ୍ଟୁଡିଓଜ୍ ମିଳିତ ଭାବେ 'ମାତୃଭୂମି' ପିକ୍ଚର୍ସ ଆଣିଛନ୍ତି। ଏହାର ଟ୍ୟାଗଲାଇନ "ମେ ୱାର୍ ରେଷ୍ଟ ଇନ୍ ପିସ୍" ସୂଚାଉଛି ଯେ ଏହା ଯୁଦ୍ଧ, ଧାର୍ମା ଧୁରନ୍ଧର ଓ



ଶ୍ରଦ୍ଧାଙ୍କୁ ଟକ୍କର ଦେବେ ସଲମାନ୍

ଦେଶପ୍ରେମର ଏକ ଗାମ୍ଭୀର କାହାଣୀକୁ ନେଇ ଗଢିଛନ୍ତି। ସଲମାନ୍ ଏଥିରେ ପୁଣିଥରେ ନିଜର ଦମଦାର ଆକ୍ସନ୍ ଅବତାରରେ ଦେଖା ପାଇଁ ଦର୍ଶକ ଅପେକ୍ଷା କରିଥିବେ। ତେବେ ଏହି ଲଢ଼େଇ ଜେତନ୍ତ ଦୁଇଟି ପିକ୍ଚର୍ ମଧ୍ୟରେ ରହିଛି. ବଟର ପିରିଆର୍ ପିକ୍ଚର୍ସ (ଇଠା) ଏବଂ ଜିଓ ଷ୍ଟୁଡିଓଜ୍ (ମାତୃଭୂମି) ଭଳି ଦୁଇ ବଡ଼ ବିତରକଙ୍କ ମଧ୍ୟରେ ଏକ ବଡ଼ ବ୍ୟବସାୟିକ ପ୍ରତିଯୋଗିତା ସୃଷ୍ଟି କରିବ।


ସୁପର୍‌ମାର୍କେଟରେ ଡିଜେ ପାର୍ଟି

ସ୍ୱାଧୀନତାର୍ଜନ୍ କ୍ୱାଟିଲା ସାଧାରଣତଃ ମଧ୍ୟମବୃତ୍ତ ଆତଃ ନିରୁତ୍ତ ପରିବେଶ, ଇମ୍ପା ଲାଇଜ୍ ଏବଂ ହାତରେ ଗ୍ରୋସରି ଚାଲିଲା ଭଳି ଜିନିଷ ଖୋଜୁଥିବା ଲୋକଙ୍କ ଚିତ୍ର। ନିକଟରେ ଭାରତର ଏକ ପ୍ରିମିୟମ୍ ଗ୍ରୋସରି ଷ୍ଟୋର ଏହି ପାରମ୍ପାରିକ ଧାରାକୁ ସମ୍ପୂର୍ଣ୍ଣ ବଦଳାର ଚେଷ୍ଟା କରିଛି। ଆଜୁ-ପାଙ୍ଗଡ଼-ଏବଂ ସାବୁତ୍-ଫର୍ପ ଜିଣାହେଉଥିବା ସୁପରମାର୍କେଟ୍ ଭିତରେ ଚାଲିଛି ହାଇ-ଭୋଲଟେଜ୍ ଡିଜେ ପାର୍ଟି, ଯେଉଁଠି ଗ୍ରାହକମାନେ ନିଜର ଶପି ଟ୍ରଲି ଛାଡ଼ି ଗୀତର ତାଳେ ତାଳେ ନାଚୁଥିବାର ଦେଖିବାକୁ ମିଳିଛି। ଲାଉନଜ ଅଞ୍ଚଳଟାତାତ ଗଡ଼ରନେ ମୂଡ଼ା 'ଫୁଡ୍ ଷ୍ଟୋୟାର ଇଣ୍ଡିଆ' ନାମକ ଏକ ପ୍ରିମିୟମ ଗ୍ରୋସରି ଷ୍ଟୋର୍‌ରେ ଏଭଳି ଏକ ଅଭିନବ 'ଗ୍ରୋସରି ଷ୍ଟୋର ରେଭ୍' ବା ଡିଜେ ପାର୍ଟିର ଆୟୋଜନ କରାଯାଇଥିଲା। 'କିଚ୍ ଲୋକାଲ୍' ଫଣ୍ଡା ଦ୍ୱାରା ଆୟୋଜିତ ଏହି ଇଭେଣ୍ଟରେ ପ୍ରସିଦ୍ଧ ଇଲେକ୍ଟ୍ରୋନିକ ମ୍ୟୁଜିକ୍ ଆର୍ଟିଷ୍ଟ ନିଦା ଏବଂ ଗୌରୀହୁ ଡିଜେ କନସୋଲ୍ ସମ୍ଭାଳିଥିଲେ। ଏହି ପାର୍ଟି ପାଇଁ ଏଣ୍ଟ୍ରି ଫି' ୯୯୯ ଟଙ୍କା ରଖାଯାଇଥିଲା ଏବଂ ୧୫ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କଙ୍କୁ ଏଥିରେ ସାମିଲ ହେବାକୁ ଅନୁମତି ମିଳିଥିଲା। ସାଧାରଣ ବଜାର ପରଦା କରିବା ପ୍ରକ୍ରିୟାକୁ ଏକ ସାମାଜିକ ତଥା ମନୋରଞ୍ଜନଧର୍ମୀ ଅନୁଭୂତିରେ ବଦଳାଇବା ଏହାର ମୂଳ ଲକ୍ଷ୍ୟ ଥିଲା, ଯଦ୍ୱାରା ଲୋକମାନେ ଗୀତ ଶୁଣି ମଜା ନେବା ସହ ନୂଆ ନୂଆ ବ୍ରାଣ୍ଡ ବିଷୟରେ ଜାଣିପାରିବେ। ପରିବେଶକୁ ପୂରା କୁଲ୍ ଲୁକ୍ ଦିଆଯାଇଥିଲା। ଷ୍ଟୋରର ଲାଇଟ୍‌ଗୁଡ଼ିକୁ ଡିମ୍ କରାଯାଇ ଉଚ୍ଚମାନର ନିଅଁ ଲାଇଟ୍ ଲଗାଯାଇଥିଲା। ଆଇସଲେ ସଜାଯାଇଥିବା ସାମଗ୍ରୀ ମଝିରେ ଲାଗିଥିଲା ବଡ଼



ଡିଜେ ଜନସୋଲ୍। ଶପି ଭଲି ଏକ ଦୈନନ୍ଦିନ ବୋଜିଂ କାମକୁ ଯୁବପିଢ଼ିଙ୍କ ପାଇଁ କିଭଳି ମନୋରଞ୍ଜନଧର୍ମୀ ଓ ସାମାଜିକ କରାଯାଇପାରିବ, ସେହି ଚିନ୍ତାଧାରାରୁ ଏହାର ଆରମ୍ଭ ହୋଇଛି। ଏହା ସହ ଗ୍ରାହକମାନେ ନାଚିବା-ଗାଇବା ସହ ନୂଆ ନୂଆ ଗ୍ରୋସରି ବ୍ରାଣ୍ଡ ବିଷୟରେ ମଧ୍ୟ ଜାଣିପାରିବେ। ଆମନ୍ତ୍ରଣରାମ୍, ବର୍ତ୍ତିନ୍ ଓ ଲଣ୍ଡନ ଭଳି ବିଦେଶୀ ସହରମାନଙ୍କରେ ରାତିରେ ମଲ୍ ବନ୍ଦ ହେବା ପରେ ଏଭଳି ପାର୍ଟି ବେଶ୍ ଲୋକପ୍ରିୟ। ଏବେ ଭାରତର ବେଙ୍ଗାଲୁରୁ ଏବଂ ଅହମ୍ମଦାବାଦ ଭଳି ମେଟ୍ରୋ ସିଟିରେ ଏହି ନୂଆ ଲାଇଫଷ୍ଟାଇଲ୍ ଟ୍ରେଣ୍ଡ ଏଣ୍ଟ୍ରି କରିଛି। ସୋସିଆଲ ମିଡିଆରେ ଏହାର ରିଭିଉ ଭାରଗାଲ ହେବା ପରେ ଲୋକେ ହସି ହସି ବେଦମ ଦେଖାଇଛନ୍ତି। ଜଣେ ୟୁଜର୍‌ଙ୍କ ମନ୍ତବ୍ୟ, "ମା' ଘରକୁ ଧନିଆ ପତ୍ର ଆଣିବାକୁ ପଠାଇଥିଲେ, ପୁଅ ଏଠି ଡିଜେ ଗାରରେ ମସଗୁଲ୍ ଅଛି !" ଅନ୍ୟ ଜଣେ ମଜାରେ ଲେଖିଛନ୍ତି, "ବିଜି' ଲାଇନ୍‌ରେ ଠିଆ ହେବା ସମୟରେ ଦୋର ନ ହେବା ପାଇଁ ଏହା ସବୁଠୁ ଭଲ ଉପାୟ !" ତା'ସହ ଏହାକୁ ନେଇ ଲୋକେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ରଖିଛନ୍ତି।

ଜାତୀୟ ଶିକ୍ଷା ଦିବସ



ଶିକ୍ଷା ହେଉଛି ସେହି ସଶକ୍ତ ମାଧ୍ୟମ, ଯାହା ମନୁଷ୍ୟକୁ ଅଜ୍ଞାନତାର ଅନ୍ଧକାରରୁ ଜ୍ଞାନର ଆଲୋକ ଆଡ଼କୁ ଆଗେଇ ନିଏ। ଦେଶ ଗଠନ ଓ ସମାଜର ରୂପାନ୍ତରଣ ପାଇଁ ଶିକ୍ଷା ହିଁ ପ୍ରଧାନ ଆୟୁଧ। ସ୍ୱାଧୀନ ଭାରତର ଆଧୁନିକ ଶିକ୍ଷା ବ୍ୟବସ୍ଥାର ମୂଳଦୁଆ ପକାଇଥିବା ମହାନ ଜନନାୟକ ମୌଲାନା ଅବୁଲ କଲାମ ଆଜାଦଙ୍କ ଜନ୍ମତିଥି ନଭେମ୍ବର ୧୧କୁ ଆମ ଦେଶରେ 'ଜାତୀୟ ଶିକ୍ଷା ଦିବସ' ଭାବେ ପାଳନ କରାଯାଏ। ମୌଲାନା ଏହାଧାରରେ ଜଣେ ସ୍ୱାଧୀନତା ସଂଗ୍ରାମୀ, ଶିକ୍ଷାବିତ୍ ଓ ଲେଖକ ଥିଲେ। ସେ ୧୮୮୮ ମସିହା ଆଜିର ଦିନରେ ଆରବର ମକ୍କା ସହରରେ ଜନ୍ମଗ୍ରହଣ କରିଥିଲେ। ମୌଲାନା ତାଙ୍କୁ ପ୍ରଦତ୍ତ ଏକ ମକ୍କାସହର ଜମାଜି ମିଆ। ମସଲର୍ଣ୍ଣା ମସମୟରେ ସେ ତାଙ୍କ ନାମରେ ଆଜାଦ ଯୋଡ଼ିଥିଲେ, ଯାହାର ଅର୍ଥ ମୁକ୍ତି। ୧୫ ଅଗଷ୍ଟ, ୧୯୪୭ରୁ ୨୨ ଫେବ୍ରୁଆରୀ, ୧୯୫୮ ପର୍ଯ୍ୟନ୍ତ ସେ ଭାରତର ଶିକ୍ଷା ମନ୍ତ୍ରୀ ଥିଲେ। ମୌଲାନାଙ୍କ ଅନୁସାରେ ବିଦ୍ୟାଳୟ ଏପରି ଏକ ପ୍ରଯୋଗଶାଳା, ଯେଉଁଠାରେ ରାଷ୍ଟ୍ରର ଭବିଷ୍ୟତ ପିଢ଼ିଙ୍କ ବିକାଶ ହୋଇଥାଏ। ଭାରତରେ ପ୍ରତିଷ୍ଠିତ ବିଭିନ୍ନ ଆଇଆଇଟି ଗୁଡ଼ିକର ଶ୍ରେୟ ତାଙ୍କୁ ଦିଆଯାଏ। ସ୍ୱାଧୀନତା ସଂଗ୍ରାମ ସମୟରେ ସେ ଭାରତୀୟ ଜାତୀୟ କଂଗ୍ରେସର ବରଷ୍ଠ ନେତାମାନଙ୍କ ମଧ୍ୟରୁ ଜଣେ ଥିଲେ। ଶିକ୍ଷା ମନ୍ତ୍ରୀ ଥିବା ସମୟରେ ସେ ଜାତୀୟ ଶିକ୍ଷା ନୀତିର ସ୍ଥାପନା କରିଥିଲେ। ପ୍ରାଥମିକ ଶିକ୍ଷାର ଅଗ୍ରଗତି ତାଙ୍କର ମୁଖ୍ୟ ଲକ୍ଷ୍ୟ ଥିଲା। ୧୯୫୨ ମସିହାରେ ତାଙ୍କୁ ମଉଲାନାଙ୍କର ଖାତକ ଖାତକଦ୍ୱରର ସ୍ୱାକ୍ଷାନିତ କରାଯାଇଥିଲା। ସ୍ୱାଧୀନତା ପରେ ସେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି)ର ସ୍ଥାପନା କରିଥିଲେ। ଭାରତୀୟ ଶିକ୍ଷା ବ୍ୟବସ୍ଥାକୁ ଏକ ନୂତନ ରୂପରେଖ ଦେବାରେ ତାଙ୍କର ଅବଦାନକୁ ଚିରସ୍ମରଣୀୟ କରିବା ପାଇଁ କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ୨୦୦୮ ମସିହାରୁ ନଭେମ୍ବର ୧୧ ତାରିଖକୁ 'ଜାତୀୟ ଶିକ୍ଷା ଦିବସ' ଭାବେ ପାଳନ କରାଯାଇ ଆସୁଛି। ଶିକ୍ଷା ବିଷୟରେ ଲୋକଙ୍କୁ ସଚେତନ କରିବା ତଥା ଲୋକଙ୍କୁ ସାକ୍ଷର କରିବା ଉଦ୍ଦେଶ୍ୟରେ ଏହି ଦିନ ବିଭିନ୍ନ କାର୍ଯ୍ୟକ୍ରମ କରାଯାଏ। ଏହି ଦିନ ସମସ୍ତ ଦେଶର ବିଦ୍ୟାଳୟ ଏବଂ ମହାବିଦ୍ୟାଳୟଗୁଡ଼ିକରେ ଶିକ୍ଷାର ଗୁରୁତ୍ୱ ଓ ସାକ୍ଷରତା ହାର ବୃଦ୍ଧି କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଏ।

ସମ୍ଭାବନା



ବୋର୍ଡ ପରୀକ୍ଷା ପ୍ରସ୍ତୁତିର ସ୍ମାର୍ଟ ଟେକ୍‌ନିକ୍

ବୋର୍ଡ ପରୀକ୍ଷା ୨୦୨୬ର ପ୍ରସ୍ତୁତି ଛାତ୍ରଛାତ୍ରୀ ଏବେଠୁ ଆରମ୍ଭ କରେଣି। ତେବେ କମ୍ ସମୟରେ ଭଲ ମାର୍କ ଆଣିବାକୁ ଚାହୁଁଥିଲେ ପରୀକ୍ଷା ପ୍ରସ୍ତୁତିରେ କିଛିଟା ସ୍ମାର୍ଟ ପରିବର୍ତ୍ତନ ଆଣିବା ଜରରି।




ପୋମୋଡୋରୋ ଟେକ୍‌ନିକ୍: ମୁଖ୍ୟତଃ ବିଦ୍ୟାର୍ଥୀମାନେ ଲଗାତାର ୩-୪ ଘଣ୍ଟା ବସି ପଢ଼ିବାକୁ ଦେଖା କରନ୍ତି। ହେଲେ କିଛି ସମୟ ମଧ୍ୟରେ ସେମାନଙ୍କ ଧ୍ୟାନ ବିଚ୍ୟୁତ ହୋଇଥାଏ। ହେଲେ ଏହି ଟେକ୍ନିକ ଆପଣାଇବା ଦ୍ୱାରା ୨୫ ମିନିଟି ଧ୍ୟାନର ସହ ପଢ଼ିବାକୁ ହୋଇଥାଏ। ଏହାପରେ ୫ ମିନିଟ୍‌ର ଛୋଟ ବ୍ରେକ୍ ନେବା ଭଲ। ଛୋଟ ବ୍ରେକ୍ ନେବା ଦ୍ୱାରା ମସ୍ତିଷ୍କ ଥକି ନ ଥାଏ। ପଢ଼ା ବେଳେ ସାମାଜିକ ଗଣମାଧ୍ୟମ ଓ ଅନ୍ୟ ଜିନିଷ ପ୍ରତି ଆକର୍ଷଣ କମ୍ ରହେ। ଏହା ମସ୍ତିଷ୍କକୁ ସକ୍ରିୟ ରଖେ।

ଆକ୍ଟିଭ୍ ରିକଲ: ବହି ଖୋଲି ପାରାଗ୍ରାଫ୍ ପରେ ପାରାଗ୍ରାଫ୍ ପଢ଼ି ଚାଲିବା ସହଜ ଲାଗେ। ହେଲେ ଏହା ମନେ ରଖିବାର ସବୁଠୁ ଖରାପ ଉପାୟ ବୋଲି କୁହାଯାଏ। ଏହି ଉପାୟରେ କୌଣସି ବିଷୟକୁ ପଢ଼ିବା ପରେ ବହି ବନ୍ଦ କରିବା ଉଚିତ ଏବଂ ଏହାପରେ ନିଜକୁ ପ୍ରଶ୍ନ କରିବା ଦରକାର କ'ଣ ବୁଝିଲେ। ଏହାକୁ ଲୋକି ସ୍ମାର୍ଟ ଜାଗଜରେ ଲେଖିପାରିବେ। ନିଜେ ନିଜକୁ ମନେପକାଇବାକୁ ବାଧ କଲେ ମସ୍ତିଷ୍କ ପରୀକ୍ଷା ସମୟରେ ଜିନିଷକୁ ସହଜରେ ମନେ ରଖିବାକୁ ସକ୍ଷମ ହୋଇଥାଏ। ଷ୍ପେସ୍ ରିପିଟେସନ: ଅନେକ ସମୟରେ ପଢ଼ିଥିବା ପାଠ ୨୪ ଘଣ୍ଟାରେ ଭୁଲି ହୋଇଯାଏ। ଏହାକୁ ପରଗେଟିଂ କର୍ଭ କୁହାଯାଏ। କୌଣସି ବିଷୟକୁ ପଢ଼ିବା ପରେ ତାହାକୁ ୩, ୬, ୧୫ ଦିନ ପରେ ପୁଣି ଥରେ ରିଭିଜନ କରିବା ଦରକାର। ବାରମ୍ବାର ରିଭିଜନ କରିବା ଦ୍ୱାରା ଏହା ଲଙ୍ଗ ଟର୍ମ ମେମୋରିକୁ ଚାଲିଯାଏ। ଏହା ଦ୍ୱାରା ପରୀକ୍ଷାଗୃହରେ ଦ୍ୱନ୍ଦ୍ୱ ଉପୁଜେ ନାହିଁ। ମାଇଣ୍ଡ ମ୍ୟାପିଂ: ଜମ୍ପା ପାରାଗ୍ରାଫ ପଢ଼ିବା ବିରକ୍ତିକର ହୋଇଥାଏ। ପରେରେ ପଢ଼ିବା ବେଳେ ନିଜ ଭାଷାରେ ନୋଟ୍ କରିବା ଦରକାର। ଏଥିପାଇଁ ପଢ଼ିବା ବେଳେ ହାଇଲାଇଟ୍‌ରରେ ଗୁରୁତ୍ୱପୂର୍ଣ୍ଣ ଧାଡ଼ିକୁ ହାଇଲାଇଟ୍ କରନ୍ତୁ। ମସ୍ତିଷ୍କ ଶବ୍ଦଠୁ ଅଧିକ ଚିତ୍ର ଓ ରଙ୍ଗକୁ ମନେ ରଖିଥାଏ। ମକ୍ ଟେଷ୍ଟ: ବେଳକ ସିଲାବସ୍ ପୂରା କରିନେବା ଯଥେଷ୍ଟ ହୋଇ ନ ଥାଏ। ଗତ ୫ ବର୍ଷର ବୋର୍ଡ ପେପର ଘରେ ବସି ସମିତ ସମୟରେ ପୂରା କରନ୍ତୁ। ଏହା ଦ୍ୱାରା ଟାଇମ ମ୍ୟାନେଜମେଣ୍ଟରେ ଧାରଣା ଆସିଯାଏ। ନିଜର ଦୁର୍ବଳତା ଓ ପରୀକ୍ଷାଗୃହର ଭୟ ବି ମନରୁ ଦୂରେଇ ଯାଏ।

ମାଇକ୍ରୋ ରିଟାୟରମେଣ୍ଟ

ଜେନ୍ ଜିଙ୍କ କାର୍ଯ୍ୟ ସଂସ୍କୃତିରେ ଏକ ନୂଆ ଧାରା ଦେଖିବାକୁ ମିଳିଛି। ଏହାକୁ ମାଇକ୍ରୋ ରିଟାୟରମେଣ୍ଟ କୁହାଯାଉଛି। ପୂର୍ବରୁ ଲୋକେ ଚାକିରି ପରେ ଅବସର କଥା ଚିନ୍ତା କରୁଥିବା ବେଳେ ଏବେ କିଛି ଲୋକ କ୍ୟାରିୟର ମଝିରେ ହିଁ ଲମ୍ବା ବ୍ରେକ୍ ନେବାକୁ ପସନ୍ଦ କରୁଛନ୍ତି। ଏହାର ଉଦ୍ଦେଶ୍ୟ ଚାକିରି ଛାଡ଼ି ସବୁଦିନ ପାଇଁ ଘରେ ବସିବା ନୁହେଁ, ବରଂ ନିଜ ସମୟ କାମଠୁ ଦୂରରେ ରହି ନିଜ ଜୀବନକୁ ଏକ ନୂଆ ଭାପାୟରେ ବଞ୍ଚିବା।

ମାଇକ୍ରୋ ରିଟାୟରମେଣ୍ଟରେ ଯୁବପିଢ଼ି କିଛି ସପ୍ତାହ, ମାସ ଓ ବେଳେ ବେଳେ ବର୍ଷକ ଲାଗି ମଧ୍ୟ ବ୍ରେକ୍ ନିଅନ୍ତି। ଏହି ସମୟ ମଧ୍ୟରେ ସେମାନେ ବୁଲାବୁଲି କରିବା, କୌଣସି ନୂଆ କୌଶଳ ଶିଖିବା, ବ୍ୟବସାୟ ଆରମ୍ଭ କରିବା, ପରିବାର ସହିତ ସମୟ ଅତିବାହିତ କରିବା କିମ୍ବା ଆରାମ କରିବା ଭାପରେ ବେକକ ଧ୍ୟାନ ଦେଇଥାନ୍ତି। ସେହିପରି ଏହା ସାଧାରଣ ଛୁଟିଠାରୁ ଅଲଗା ହୋଇଥାଏ। କାରଣ ଏଥିରେ ଯୁବପିଢ଼ି ଚାକିରି ଏବଂ କ୍ୟାରିୟରଠାରୁ ଲମ୍ବା ସମୟ ପାଇଁ ବ୍ରେକ୍ ନିଅନ୍ତି। ଏକ ରିପୋର୍ଟ ଅନୁସାରେ, ଭାରତରେ ୨୧ରୁ ୨୮ ବର୍ଷର ୬୪ ପ୍ରତିଶତ ଜେନ୍-ଜି ଯୁବିପିଢ଼ି ମାଇକ୍ରୋ ରିଟାୟରମେଣ୍ଟ ନେବାର ଯୋଜନା କରୁଛନ୍ତି। ତେବେ ଏହା ପଛରେ ଅନେକ କାରଣ ଥିବା କୁହାଯାଉଛି। ଭଲାତାର କାମ ଚାପ, ବର୍ଣ୍ଣଆଉଟ୍,



ନିଜ ପସନ୍ଦର କାମ ଲାଗି ସମୟ ବାହାର କରିବାର ଇଚ୍ଛା ଏବଂ ଜୀବନକୁ ଜେବଳ ଚାକିରି ପରିସର ମଧ୍ୟରେ ରଖିବାର ଚିନ୍ତାଧାରା ଯୁବିପିଢ଼ିଙ୍କୁ ଏଭଳି ବ୍ରେକ୍ ନେବା ଲାଗି ପ୍ରୋତ୍ସାହିତ କରୁଛି। କିଛି ଯୁବପିଢ଼ି ଏହାକୁ ନିଜ କ୍ୟାରିୟରକୁ ନୂଆ ଭାବେ ବୁଝିବାକୁ ଚାହାନ୍ତି ଯେ, ସେମାନେ ଆଗକୁ କ'ଣ କରିବାକୁ ଚାହୁଁଛନ୍ତି।


ସେହିପରି ଏହାର ଆଉ ଏକ ଦିଗ ବି ଅଛି। ଚାର୍ଯ୍ୟ ସମୟ ପର୍ଯ୍ୟନ୍ତ ପାଣିଶ୍ରମିକ ବିନା ରହିବା ସମସ୍ତଙ୍କ ପକ୍ଷେ ସହଜ ନୁହେଁ। ସଂଚୟ ଘର ଖର୍ଚ୍ଚ, ଇଏମଆଇ, ପୁଣି ଚାକିରି ଯାଇବାର ଚିନ୍ତା ଏହି ନିଷ୍ପତ୍ତିକୁ ଜଟିଳ କରିଯାଏ। ତେଣୁ ଏହି ବ୍ରେକ୍ ନେବା ପୂର୍ବରୁ ଆର୍ଥିକ ଯୋଜନା, କ୍ୟାରିୟର ଲକ୍ଷ୍ୟକୁ ବୁଝିବା ଜରୁରି। ଅନ୍ୟପକ୍ଷରେ ଏହି ଅବସରର ଅର୍ଥ ନୁହେଁ

ଉତ୍କଳ ସମାଗୁରୁ

ସମ୍ପାଦକୀୟ...

ଗୁରୁବାର ୧୨ ନଭେମ୍ବର ୨୦୨୭

ବଙ୍ଗୋପସାଗର ପାଲଟିଛି ଚକ୍ରବାତର ଜନ୍ମସ୍ଥଳୀ
ଗୋପାଳ ମହାପାତ୍ର



ଆକାଶର ରଙ୍ଗ ବଦଳୁଛି, ସମୁଦ୍ରର ସ୍ପିରଡା ବଦଳୁଛି ଏବଂ ଉପକୂଳ ଅଞ୍ଚଳରେ ବିପଦ ଆସିବା ବଢ଼ିବାରେ ଲାଗିଛି । ବଙ୍ଗୋପସାଗର ରେ ଜିଛିଦିନି ମଧ୍ୟରେ ଚକ୍ରବାତ ଅର୍ଦ୍ଧକ ଏବଂ ମୁରାସୁ ଆସିବା ସାଧାରଣ ଭାବେ ପାଣିପାଗ ବା ମୌସୁମୀବାୟୁର ଘଟଣା ନୁହେଁ ବରଂ ପ୍ରକୃତିର ପରବର୍ତ୍ତିତ ସ୍ଥିତି ର ଗମ୍ଭୀର ସଙ୍କେତ ଅଟେ । ଅକ୍ଟୋବର ୨୮ ତାରିଖରେ ଚକ୍ରବାତ ଅର୍ଦ୍ଧକ ଆନ୍ଧ୍ରପ୍ରଦେଶ ତଟ ସମୀପ ଓଡ଼ିଶାର ଉତ୍ତରେ ଅଂଶକୁ ପ୍ରଭାବିତ କରିଥିଲା ଏବଂ ନଭେମ୍ବର ୩ ତାରିଖରେ ମୁରାସୁ ସେଇ ଅଂଶକୁ ପ୍ରଭାବିତ କରିଥିଲା । ଏ ଦୁଇ ଚକ୍ରବାତ ମଧ୍ୟରେ ଏତେ ଜମ୍ ବ୍ୟବଧାନ ଥିବାରୁ ସ୍ପଷ୍ଟ ଯେ ବଙ୍ଗୋପସାଗର ଏବେ କେବଳ ଚକ୍ରବାତର ଜନ୍ମସ୍ଥଳୀ ପାଲଟିସାରିଲା । ସମୁଦ୍ରରେ ବହୁଥିବା ଉତ୍ତାପ ଏବଂ ଗ୍ଲୋବାଲ ୱାର୍ମିଙ୍ଗ୍ ବିପଦକୁ ଅଧିକ କରିଦେଇଛି । ଏବେ ଚିନ୍ତା କେବଳ ଆଗାମୀ ଚକ୍ରବାତ ପାଇଁ ନୁହେଁ ବରଂ ବଙ୍ଗୋପସାଗର ଉପକୂଳ ବର୍ତ୍ତୀ ଅଂଚଳର ଲୋକେ ଆସୁଥିବା ଚକ୍ରବାତ ପରେ ଆଗାମୀ ଚକ୍ରବାତକୁ ନେଇ ଆଶଙ୍କା କରିବାର ଚିନ୍ତା । ଚକ୍ରବାତର ପ୍ରତଃଷ୍ଫୁର ର ଉତ୍ସ ସମୁଦ୍ରର ଗଭୀର ଉତ୍ତାପ ଉପରେ ନିର୍ଭର କରୁଛି । ସମୁଦ୍ରର ତାପମାନ ବଢ଼ିଲେ ବାଷ୍ପିକରଣ ଅଧିକ ହୋଇଥାଏ । ଅନୁକୂଳ ପରିସ୍ଥିତି ସୃଷ୍ଟିହେଲେ ଏହା ଚକ୍ରବାତ ର ରୂପ ନେଇଥାଏ । ବଙ୍ଗୋପସାଗର ଉପରେ କରାଯାଇଥିବା ଏକ ଗବେଷଣା (ସାଇଂଟିଫିକ୍ ରିପୋର୍ଟ-୨୦୨୩) ଅନୁସାରେ ୧୯୮୨ ରୁ ୨୦୨୧ ମଧ୍ୟରେ ସାମୁଦ୍ରିକ ଉଷ୍ମ ଲହରୀର ୧୦୭ ଟି ଘଟଣା ଘଟିଥିଲା ଏବଂ ଏସବୁ କରାଳ ରୂପ ନେଇଥିଲା । ବିଗତ ୧୦ ବର୍ଷ ମଧ୍ୟରେ ୩୩ ରୁ ୩୫ଟି ଚକ୍ରବାତ ହୋଇଥିବା ବେଳେ ସେଥିମଧ୍ୟରୁ ୨୦୧୮ ର ତିତଲି, ୨୦୧୯ ର ଫନି, ୨୦୨୨ ର ମହା ଏବଂ ବୁଲବୁଲ ଅନ୍ୟତମ । ୨୦୨୦ ରେ ଆମ୍ପାନ ଏବଂ ନିଲାର, ୨୦୨୧ ରେ ୟାସ, ଗୁଲାବ ଏବଂ ଜାୱାଯ ଘଟିଥିଲା । ସେହିପରି ୨୦୨୨ ରେ ସିତ୍ରାଙ୍ଗ, ସିତରଙ୍ଗ, ୨୦୨୩ ରେ ମୋଚା ଏବଂ ମିଚୁଙ୍ଗ, ୨୦୨୪ ରେ ରିମାଲ, ଦାନା, ଘଟିଥିଲା । ଏଥି ପୂର୍ବରୁ ୧୯୯୯ ରେ ହୋଇଥିବା ପ୍ରଚଣ୍ଡ ସାଇକ୍ଲୋନ ବା ଚକ୍ରବାତ କାରଣରୁ ଓଡ଼ିଶା ବିଶେଷକରି ଜଗତସିଂହପୁର ଜିଲ୍ଲା ଓ କେନ୍ଦ୍ରାପଡ଼ା ଜିଲ୍ଲା ବ୍ୟାପକ କ୍ଷତିଗ୍ରସ୍ତ ହୋଇଥିଲା । ସେହିପରି ଫାଇଲିନ,୨୦୧୪ ର ହୁଡ୍‌ହୁଡ୍ ର ଉତ୍ପତ୍ତିସ୍ଥଳ ଥିଲା ବଙ୍ଗୋପସାଗର । ଏହି ଫଂଖ୍ୟା କେବଳ ବୈଜ୍ଞାନିକ ନିଷ୍କର୍ଷ ନୁହେଁ, ସମୁଦ୍ରର ବଦଳୁଥିବା ସ୍ୱଭାବର ଗମ୍ଭୀର ଚେତାବନୀ । ସବୁ ଚକ୍ରବାତ ପାଇଁ ଗ୍ଲୋବାଲ ୱାର୍ମିଙ୍ଗ୍ କୁ ଦାୟୀ କରାଯାଇନପାରେ କାରଣ ଏହାର ଉତ୍ପତ୍ତି ଓ ତୀବ୍ରତା ଅନେକ ପାଣିପାଗର ପରିସ୍ଥିତିରେ ନିର୍ଣ୍ଣୟ ହୋଇଥାଏ । କିନ୍ତୁ ଏକଥା ସ୍ପଷ୍ଟ ଯେ କ୍ରମାଗତ ଭାବେ ଉତପ୍ତ ହେଉଥିବା ଜଳବାୟୁ ଚକ୍ରବାତ ର ବିନାଶକାରୀ ପ୍ରଭାବ କୁ ଅଧିକ ବଢ଼ାର ଦେଉଥାଏ । ପାଣିପାଗ ଏବେ ଚାର ପୁରୁଣା ଅଭ୍ୟାସ ଛଡ଼ିଦେଇଛି । ଜଳବାୟୁ ପରିବର୍ତ୍ତନର ସଙ୍କଟ ଧିରେଧିରେ ବଢ଼ିବାରେ ଲାଗିଛି ଏବଂ ଆଖି ପିଛୁଳାକେ ପ୍ରଳୟ ସୃଷ୍ଟି କରିପାରୁଛି । ସମୁଦ୍ରରେ ବହୁଥିବା ଉତ୍ତାପ, ବାୟୁମଣ୍ଡଳୀୟ ଅବସ୍ଥା, ପବନର ଦିଗ ଏବଂ ଅନ୍ଧାରିନୋ ଭଳି ପରିସ୍ଥିତି ଚକ୍ରବାତର ତୀବ୍ରତା ଓ ବର୍ତ୍ତାକୁ ପ୍ରଭାବିତ କରିଥାଏ । ଚକ୍ରବାତର ଫଂଖ୍ୟା ଯେ ପ୍ରତିବର୍ଷ ବଢ଼ିବ ତାହା ଜରୁରୀ ନୁହେଁ କିନ୍ତୁ ଉତପ୍ତ ଜଳବାୟୁ କାରଣରୁ ଶକ୍ତିଶାଳୀ ଡୋଫାନ ଏବଂ ଅଧିକ ବର୍ଷା ବି ହୋଇପାରେ । ଅର୍ଦ୍ଧବ ଏବଂ ମୁରାସୁ ଦେଖାଇ ଦେଇଛି ଯେ ଗୋଟିଏ ବିପଦ ପରେ ଆଉ ଏକ ବିପଦ ମଧ୍ୟ ଆସିପାରେ । ଏଣୁ ପ୍ରଶାସନ କୁ ଡୋଫାନର ଗତି, ଏହା ମଧ୍ୟରେ ଥିବା ବ୍ୟବଧାନ, ସମ୍ଭାବିତ ବର୍ଷା, ସମୁଦ୍ରର ଜଳସ୍ତର ବୃଦ୍ଧି ଏବଂ ଉପକୂଳବର୍ତ୍ତୀ ଅଂଚଳର ଲୋକଙ୍କ କଥା କୁ ଚିନ୍ତା କରିବା ଜରୁରୀ । ଚକ୍ରବାତ ଯେତେବେଳେ ଭୂମି ଉପରେ ବାଡ଼େଇ ହୋଇଥାଏ ବା ଲ୍ୟାଣ୍ଡଫଲ କରିଥାଏ ସେତେବେଳେ ସରୀସୃପ ଲୋକେ ହିଁ କ୍ଷତିଗ୍ରସ୍ତ ହୋଇଥାନ୍ତି । କୃଷକର କ୍ଷେତ ଏବଂ ମତ୍ସ୍ୟଜୀବିଙ୍କ ଦୈନନ୍ଦିନର ଗୁରୁତ୍ୱାଣ ଜଳୁଡ଼ି ଯାଇଥାଏ । ଉପକୂଳବର୍ତ୍ତୀ ଅଂଚଳର ଲୋକଙ୍କ ଘରଦ୍ୱାରା ଭାଙ୍ଗିଯାଇଥାଏ । ଚକ୍ରବାତ କାରଣରୁ ଗଛ ସବୁ ଉପୁଡ଼ିଯାଏ, ବିଦ୍ୟୁତ୍ ଖୁଣ୍ଟି ମଧ୍ୟ ଉପୁଡ଼ି ଯାଏ, ଚକ୍ରବାତ ଜନିତ ବର୍ଷା କାରଣରୁ ରାସ୍ତାଘାଟ ଜଳମଗ୍ନ ଯୋଇଯାଏ, ସଡ଼ାର ବ୍ୟବସ୍ଥା, ବିଦ୍ୟୁତ୍ ସରବାହ ବାଧାପ୍ରାପ୍ତ ହୁଏ । ଏ ଭଳି ସମୟରେ ସରକାରୀ ସହାୟତା ଆଶୃଣ୍ଟି ଚ ବେଇଥାଏ କିନ୍ତୁ ସ୍ଥାୟୀ ସୁରକ୍ଷା ପାଇଁ ଆଜୀବିକା, ସୁରକ୍ଷିତ ଆବାସ, ବୀମା ଏବଂ ଆପଦାର ପରବର୍ତ୍ତୀ ସହାୟତା ମଧ୍ୟ ଜରୁରୀ ଅଟେ । ପ୍ରକୃତି କୁ ଅଣଦେଖାକରି ବିକାଶ ଅସମ୍ଭବ । ବନ୍ଦର, ସଡ଼କ, ଶିଳ୍ପ ଏବଂ ଶହରାଞ୍ଚଳର ବଢ଼ି ର ବିସ୍ତାର ଅର୍ଥ ବ୍ୟବସ୍ଥାକୁ ଗତି ଦେଇପାରେ କିନ୍ତୁ ଉପକୂଳର ପରିସ୍ଥିତିକୁ ଅଣଦେଖା କରି ଜରାଯାଇଥିବା ବିକାଶ ବିନାଶର କାରଣ ହେଇପାରେ । ହେରାକ (ମ୍ୟାନଗ୍ରୋଭସ) ଜଙ୍ଗଲ ସମୁଦ୍ରର ଲହରୀ ଏବଂ ଡୋଫାନ କାରଣରୁ ଉଠୁଥିବା ଜଳସ୍ତରକୁ ରୋକିବାରେ ସକ୍ଷମ ହୋଇଥାଏ । ଏହା ସମୁଦ୍ର ଲହରୀ ଓ ଡୋଫାନ ପାଇଁ ପ୍ରାକୃତିକ ଢ଼ାଲ ଭଳି କାର୍ଯ୍ୟ କରିଥାଏ । ହେରାକ ବନର ବିନାଶ ଏହି ସୁରକ୍ଷା କବଚକୁ ଦୁର୍ବଳ କରି ଦେଇଥାଏ । ଏଣୁ ବିକାଶ କୁ ପ୍ରକୃତିର ଅନୁକୂଳ କରାଯିବା ଜରୁରୀ । ସମୁଦ୍ରର ବଢୁଥିବା ଜଳସ୍ତର ଆଗାମୀ ଦିନରେ ଉପକୂଳବର୍ତ୍ତୀ ଅଂଚଳର ଲୋକଙ୍କ ପାଇଁ ବିପଦ ସୃଷ୍ଟି କରିପାରେ । ଜଳସ୍ରୋତ କୁ ମଧ୍ୟ ପ୍ରଭାବିତ କରିପାରେ ଫଳରେ ପାନୀୟ ଜଳର ଅଭାବ ମଧ୍ୟ ଉପକୂଳବର୍ତ୍ତୀ ଅଂଚଳରେ ଦେଖାଯିବାର ସମ୍ଭାବନା ରହିଛି । ଜଳବାୟୁ ପରିବର୍ତ୍ତନ ଏବେ କେବଳ ପଢ଼ିବାର ବା ଶୁଣିବାର ବିଷୟ ନୁହେଁ ବରଂ ଭବିଷ୍ୟତ ଏବଂ ଜୀବନ ସହ ଯୋଡ଼ି ହୋଇଥିବା ସତ୍ୟ ରେ ପରିଣତ ହୋଇଛି । ବଙ୍ଗୋପସାଗର ଏବେ କେବଳ ଚକ୍ରବାତ ଓ ଡୋଫାନର ଜନ୍ମସ୍ଥଳୀ ହୋଇ ରହିନାହିଁ ବରଂ ଲୋକଙ୍କ ଆଜୀବିକା ଏବଂ ଦେଶର ପରିସ୍ଥିତି ଜନିତ ସୁରକ୍ଷା ର ଜୀବନରେଖା ପାଲଟିଯାଇଛି । ଅର୍ଦ୍ଧବ ଏବଂ ମୁରାସୁ ଚେତାବ ଦେଇଛି ଯେ ପ୍ରକୃତିର ସଙ୍କେତକୁ ଅଣଦେଖା କରିବା ଭେତେ ଭାରି ପଡ଼ିପାରେ । ସମୁଦ୍ରର ଆଗାମୀ ଗର୍ଜନ ପୂର୍ବରୁ ଆମକୁ ପ୍ରସ୍ତୁତ ରହିବାକୁ ହେବ ଜାରଣ ଆଗମୀ ଚେତାବନୀ ହୁଏତ ଆମକୁ ସଜାଡିବାର ଅବସର ଦେଇ ନପାରେ ।

ପୃଥିବୀର କୋଠ ସଂପଦକୁ ବିପଦ ଜିତଶତ୍ରୁ ମହାନ୍ତି

ଭୌଗୋଳିକ ଅବସ୍ଥିତିକୁ ନେଇ ସ୍ଥାନୀୟ, ଆଂଚଳିକ, ଦେଶୀୟ ଓ ମହାଦେଶୀୟ ଭୂମଣ୍ଡଳରେ ବିଭାଜିତ ପୃଥିବୀରେ ଏମିତି ଜେତେକ ପ୍ରାକୃତିକ ପରିସଂସ୍ଥା ଅଛି, ଯାହା ଅବିଭାଜ୍ୟ ଓ ଯାହାକୁ ପୃଥିବୀର କୋଠ ସଂପଦ ବୋଲି କୁହାଯାଇପାରେ । ସେଗୁଡ଼ିକ ହେଉଛନ୍ତି ମହାସାଗର, ବାୟୁମଣ୍ଡଳ, ଅନ୍ତରୀକ୍ଷ ଓ ଜନବସତି ବିହୀନ ଭୂଖଣ୍ଡ ଆଂଟର୍ଟିକା । ଏହାର ରକ୍ଷଣାବେକ୍ଷଣ ଓ ସୁରକ୍ଷାର ଦାୟିତ୍ୱ ସବୁ ରାଷ୍ଟ୍ର ଓ ଅନେକ ଅଂଶରେ ମିଳିତ ଜାତିସଂଘ ଉପରେ ନ୍ୟସ୍ତ । କିନ୍ତୁ, ବଡ଼ ପ୍ରଶ୍ନ ହେଲା ସେ ସବୁ ଦାୟିତ୍ୱର ନିର୍ବହନ ଠିକ୍ ଭାବେ ହୋଇ ପାରୁଛି କି ? ମହାସାଗର ସଂଚର୍ଜରେ ଜାତିସଂଘର ସାମୁଦ୍ରିକ ଆଇନ, ୧୯୫୮, ଅନୁସାରେ କୌଣସି ରାଷ୍ଟ୍ରର ତଟରୁ ୨୦୦ 'ନଟିକାଲ ମାଇଲ' ଅର୍ଥାତ୍ ୩୬୦ କିଲୋମିଟର ପର୍ଯ୍ୟନ୍ତ ସମୁଦ୍ର ଅଭ୍ୟନ୍ତରସ୍ଥ ଜଳରାଶି ସେହି ରାଷ୍ଟ୍ରର ଅଧିକାର ପରିସରଭୁକ୍ତ । ଏକ ହିସାବ ଅନୁସାରେ ସମୁଦ୍ର ତଟବର୍ତ୍ତୀ ରାଷ୍ଟ୍ରଗୁଡ଼ିକର ଅଧୀନରେ ଥିବା ସମୁଦ୍ରର ଅଂଶ ହେଉଛି ମୋଟ ଜଳରାଶିର ଦୁଇ-ତୃତୀୟାଂଶ । କିନ୍ତୁ ଦୁଃଖର ବିଷୟ ଯେ ସମୁଦ୍ରର ଏହି ଅଂଶ ମନୁଷ୍ୟର ହସ୍ତକ୍ଷେପ ଓ ଅପବ୍ୟବହାର ଦ୍ୱାରା ଏଭଳି ପ୍ରଦୂଷିତ ଓ ବିଷାକ୍ତ ଯେ ସମଗ୍ର ମହାବଦ୍ଧର ସ୍ୱାସ୍ଥ୍ୟ ଏବେ ବିପଦରେ । ପ୍ରକାଶ ଥାଉ କି ବର୍ତ୍ତମାନ ପୃଥିବୀର ସମସ୍ତ ପ୍ରାଣୀଙ୍କ ଜୀବନଧାରଣ ପାଇଁ ଆବଶ୍ୟକ ଅମ୍ଳଜାନର ୫୦ ପ୍ରତିଶତ ଯୋଗାଣ ହେଉଛି ସମୁଦ୍ରର ଫାଇଟୋପ୍ଲାଙ୍କଟନ୍ ଦ୍ୱାରା । ଏହି ଫାଇଟୋପ୍ଲାଙ୍କଟନ୍ ଜଳବାୟୁ ପରିବର୍ତ୍ତନ ଓ ଜଳପ୍ରଦୂଷଣ ଯୋଗୁଁ ଆଜି ବିପଦାପନ୍ନ । ଏହି ଫାଇଟୋପ୍ଲାଙ୍କଟନ୍ ଜଳରାଶିର ଉପରିସ୍ତରରେ ରହି ସୂର୍ଯ୍ୟକିରଣ ଗ୍ରହଣ କରି ଖାଦ୍ୟ ପ୍ରସ୍ତୁତ କରିଥାନ୍ତି । ଏହି ପ୍ରକ୍ରିୟାରେ ସେମାନେ ବାୟୁମଣ୍ଡଳରୁ ପ୍ରଚୁର ପରିମାଣର କାର୍ବନ୍ ଡାଇଅକ୍ସାଇଡ୍ ଗ୍ରହଣ କରିଥାନ୍ତି ଏବଂ ଅମ୍ଳଜାନ ଛାଡ଼ିଥାନ୍ତି





ରୋଟାରୀ କ୍ଲବ୍ ବୁର୍ଲା ପକ୍ଷରୁ ଆନ୍ତଃ-ଅନୁଷ୍ଠାନ ବ୍ୟାଡମିଣ୍ଟନ୍ ପ୍ରତିଯୋଗିତା, ବିଭିନ୍ନ ବିଶ୍ୱବିଦ୍ୟାଳୟର ଖେଳାଳିଙ୍କ ସଫଳତା

ସମ୍ବଲପୁର,୧୧/୧୧(ନି/ପୁ):ରୋଟାରୀ କ୍ଲବ୍ ବୁର୍ଲା ପକ୍ଷରୁ ବିଜୁ ପଟ୍ଟନାୟକ ଇନଡୋର ଷ୍ଟାଡିୟମ୍‌ଠାରେ ପୁରୁଷ ଓ ମହିଳା ବର୍ଗରେ ଆନ୍ତଃ-ଅନୁଷ୍ଠାନ ବ୍ୟାଡମିଣ୍ଟନ୍ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ଏଥିରେ ବିଭିନ୍ନ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଉତ୍ସାହର ସହ ଭାଗ ନେଇ ନିଜ ସ୍ତ୍ରୀତା ଦକ୍ଷତା ପ୍ରଦର୍ଶନ କରିଥିଲେ। ଉତ୍ ?ଘାଟନୀ ସମାରୋହରେ ରୋଟାରୀ କ୍ଲବ୍ ବୁର୍ଲାର ସଭାପତି ପ୍ରଫେସର ମଳୟ ରଞ୍ଜନ ମହାନନ୍ଦ ଅଧକ୍ଷତା କରି ରୋଟାରୀର ମୂଳ ଲକ୍ଷ୍ୟ, ସାମାଜିକ ସେବା ଓ ସମାଜରେ ସକାରାତ୍ମକ ପରିବର୍ତ୍ତନ ଆଣିବାରେ ଏହାର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଯୁବପିଢ଼ିଙ୍କୁ କ୍ରୀଡ଼ା କ୍ଷେତ୍ରରେ ନେତୃତ୍ୱ ନେବାକୁ ମଧ୍ୟ ପ୍ରେରଣା ଦେଇଥିଲେ। ହିଷାଲକୋ ଏଚ୍‌ଆର ଶ୍ରୀ ସମୀର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ କ୍ରୀଡ଼ା ସହ ପାଠପଢ଼ାରେ ମଧ୍ୟ ଉତ୍କର୍ଷତା ହାସଲ କରିବାକୁ ଆହ୍ୱାନ ଦେଇଥିଲେ। ପ୍ରତିଯୋଗିତାର ଫଳାଫଳ ଅନୁଯାୟୀ, ପୁରୁଷ ଏକଇରେ ଭିସୁଟ୍‌ର ରାହୁଲ ରାୟ ବିଜେତା ହୋଇଥିବା ବେଳେ ଜି.ଏମ୍. ବିଶ୍ୱବିଦ୍ୟାଳୟର ଅନୁରାଗ ବେହେରା ଉପବିଜେତା ହୋଇଥିଲେ। ମହିଳା ଏକଇରେ ଆଇଆଏମ୍ ବିଜେତା ଓ ଭିସୁଟ୍ ଉପବିଜେତା ହୋଇଥିଲା। ପୁରୁଷ ଯୁଗଳରେ ଜି.ଏମ୍. ବିଶ୍ୱବିଦ୍ୟାଳୟର କ୍ଷିତୀଶ ପଡିଡ଼ା ଓ ନିତ୍ୟାନନ୍ଦ ବାଶୁକ ଯୋଡ଼ି ବିଜୟୀ ହୋଇଥିବା ବେଳେ ଭିସୁଟ୍‌ର ଶୁଭମ୍ ସରକାର ଓ ଇ. କୁମାରଙ୍କ ଯୋଡ଼ି ଉପବିଜେତା ହୋଇଥିଲେ। ମହିଳା ଯୁଗଳରେ ଆଇଆଏମ୍ ବିଜେତା ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଉପବିଜେତା ହୋଇଥିଲା। ସମାପନୀ ତଥା ପୁରସ୍କାର ବିତରଣ ସମାରୋହରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପରିଷଦର ସମ୍ପାଦକ ପ୍ରଫେସର ପ୍ରିୟତୃତ ଗୋଛାୟତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ କ୍ଲବ୍‌ର ଚାର୍ଟର ସଦସ୍ୟ ଯୋଗାରିଆନ୍ ରାଜୁ ଜାଜୋଡ଼ିଆ ଓ ରୋଟାରିଆନ୍ ଏସ୍.ଏଣ୍. ଜାବଲିଙ୍କ ସମେତ ଅଶୋକ ନାୟକ, ଶିବ ପାଢ଼ା, ଡି.କେ. ଜାପାନୀ, ଏ.ଟି. ରାଉତ, ପ୍ରଫେସର ବି.ବି. ମିଶ୍ର, ସୁମନ୍ତ ନାୟକ, ପ୍ରଫେସର



ଶ୍ରୀବତ୍ସ ମହାପାତ୍ର, ଜାଲୁ ସ୍ୱାଇଁ, ପ୍ରଫେସର ଏସ୍ ?.କେ. ସ୍ୱାଇଁ, ଡା. ଶର୍ମିଳା ଗର୍ଗନାୟକ, ଡା. ଶଶିଭୂଷଣ ବିଶ୍ୱାଳ, ପ୍ରଫେସର ଅଜୟ ବେହେରା ଓ ଆର.ସି. ଆଚାର୍ଯ୍ୟ ଉପସ୍ଥିତ ଥିଲେ। ପ୍ରଫେସର ପଞ୍ଚାନନ ପଟ୍ଟନାୟକ ଓ ପ୍ରଫେସର ବେବେନ୍ଦ୍ର ମଲ୍ଲିକଙ୍କ ମାର୍ଗଦର୍ଶନରେ ଏହି ଆୟୋଜନ ସଫଳ ହୋଇଥିଲା। ମ୍ୟାଚ୍‌ଗୁଡ଼ିକୁ ରେଫେରି ଜୟନ୍ତ, ସୁଧାଂଶୁ ମହାପାତ୍ର, ଜଗେଶ୍ୱର, ସୌରଭ, ଅମୃତ, ପୁନୁ ଓ ସନତ ରଣବୀର ସୁଚାରୁ ରୂପେ ପରିଚାଳନା କରିଥିଲେ। ପରିବେଶ ବିଜ୍ଞାନ ବିଭାଗର ଛାତ୍ର ବିଦ୍ୟ ରଞ୍ଜନ ବେହେରା, ସୌମ୍ୟ ରଞ୍ଜନ ବାରିକଙ୍କ ସମେତ ଅନ୍ୟ ଛାତ୍ରଛାତ୍ରୀ ସ୍ୱେଚ୍ଛାସେବୀ ଭାବେ ସହଯୋଗ କରିଥିଲେ। ଶେଷରେ କ୍ଲବ୍‌ର ସମ୍ପାଦକ ଡଃ ଆର.ପତି ଧନ୍ୟବାଦ ଅର୍ପଣ କରିଥିଲେ।

ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଁ ମନୋନୀତ ହେଲେ ଶିକ୍ଷକ ଟୁନା ରଣା

ଝାରସୁଗୁଡ଼ା,୧୧/୧୧(ନି/ପୁ): ଶିକ୍ଷାଦାନ କ୍ଷେତ୍ରରେ ଉତ୍କର୍ଷତା, ନିଷ୍ଠା ଓ ନବସୃଜନ ପାଇଁ ଝାରସୁଗୁଡ଼ା ଜିଲ୍ଲାର ଜଣେ ଶିକ୍ଷକଙ୍କୁ ମିଳିଛି ରାଜ୍ୟସ୍ତରୀୟ ସ୍ୱୀକୃତି। ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରକାଶିତ ୨୦୨୫-୨୬ ଶିକ୍ଷାବର୍ଷର ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଜିଲ୍ଲାସ୍ତରୀୟ ମାଧ୍ୟମିକ ଶିକ୍ଷକ ତାଲିକାରେ କୋଲାବିରା ବ୍ଲକର ପରମାଣପୁରସ୍ଥିତ ଚଭୁଧର ବଡଡିଆ ସରକାରୀ ଉଚ୍ଚ ବିଦ୍ୟାଳୟର ଓଡ଼ିଆ ଶିକ୍ଷକ ଟୁନା ରଣା ସ୍ଥାନ ପାଇଛନ୍ତି। ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ନିୟମିତ ଓ ପୂର୍ଣ୍ଣ ଉପସ୍ଥାନ ସୁନିଶ୍ଚିତ କରିବା ସହ ଶିକ୍ଷାର୍ଥୀଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ଏବଂ ଶିକ୍ଷାଦାନ ପ୍ରକ୍ରିୟାରେ ନୂତନ ଓ ସୃଜନଶୀଳ ପଦ୍ଧତିର ପ୍ରୟୋଗ କରିବା କ୍ଷେତ୍ରରେ ତାଙ୍କର ଅବଦାନକୁ ବିଚାରକୁ ନିଆଯାଇ ଏହି ପୁରସ୍କାର ପାଇଁ ଚୟନ କରାଯାଇଛି। ଶିକ୍ଷା କେବଳ ପାଠ୍ୟପୁସ୍ତକ ମଧ୍ୟରେ ସୀମିତ ନ ରହି ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀଣ ବିକାଶର ମାଧ୍ୟମ ହେବା ଆବଶ୍ୟକ। ଏହି ଦୃଷ୍ଟିକୋଣକୁ ଶିକ୍ଷାଦାନକୁ ଅଧିକ ଆକର୍ଷଣୀୟ, ସରଳ ଓ ଫଳପ୍ରଦ କରିବା ସହ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ଉପସ୍ଥାନ ବୃଦ୍ଧି ଦିଗରେ ଶିକ୍ଷକ ଶ୍ରୀ ରଣାଙ୍କ ଉଦ୍ୟମ ତାଙ୍କୁ ଏହି ସମ୍ମାନ ପାଇଁ ଯୋଗ୍ୟ ବିବେଚିତ କରିଛି। ତାଙ୍କର ଏହି ସଫଳତାରେ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ, ସହକର୍ମୀ, ଛାତ୍ରଛାତ୍ରୀ ଓ ଅଭିଭାବକ ମହଲରେ ଆନନ୍ଦ ପ୍ରକାଶ ପାଇଛି। ଏହା ଜିଲ୍ଲାର ଶିକ୍ଷା ଜଗତ ପାଇଁ ଗୌରବର ବିଷୟ ହୋଇଥିବା ବେଳେ ଅନ୍ୟ ଶିକ୍ଷକମାନଙ୍କୁ ମଧ୍ୟ ନିଷ୍ଠା ଓ ସୃଜନଶୀଳତାର ସହ ଶିକ୍ଷାଦାନ କରିବାକୁ ପ୍ରେରଣା ଯୋଗାଇବ।

ରେଙ୍ଗାଲିରେ ଏକଦିବସୀୟ ଗଜସାଥୀ ପ୍ରଶିକ୍ଷଣ ଶିବିର



ସମ୍ବଲପୁର,୧୧/୧୧(ନି/ପୁ): ସମ୍ବଲପୁର ବନଖଣ୍ଡ ଅଧୀନ ରେଙ୍ଗାଲି ବନାଚଂଳ କାର୍ଯ୍ୟାଳୟର ସଭାଗୃହରେ ସୋମବାର ଏକଦିବସୀୟ ଗଜସାଥୀ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ବନାଚଂଳ ଅଧିକାରୀ ସୁଜାତା ପଟ୍ଟେଲଙ୍କ ଅଧକ୍ଷତାରେ ଆୟୋଜିତ ଶିବିରରେ ୫୦ରୁ ଊର୍ଦ୍ଧ୍ୱ ଗଜସାଥୀ ତାଲିମ ଗ୍ରହଣ କରିଥିଲେ। ଶିବିରରେ ମୁଖ୍ୟ ଅତିଥି ଭାବେ ସମ୍ବଲପୁର ବନଖଣ୍ଡ କାର୍ଯ୍ୟାଳୟର ସହକାରୀ ବନ ସଂରକ୍ଷକ (ଏସିଏଫ୍) ରଣେନ୍ଦ୍ର କୁମାର ସ୍ୱାଇଁ, ସ୍ୱତନ୍ତ୍ର ଅତିଥି ଭାବେ ବିଶିଷ୍ଟ ପରିବେଶବିତ୍ ତଥା ପ୍ରକୃତିବନ୍ଧୁ ଡ. ବଂଶୀଧର ଜର ଏବଂ ସଜ୍ଜାନିତ ଅତିଥି ଭାବେ ରେଙ୍ଗାଲି ବିଦ୍ୟୁତ୍ ବିଭାଗର ଏସ୍‌ଡିଓ ପ୍ରତ୍ୟୁଷ କୁମାର ମିଶ୍ର ଓ ପ୍ରକୃତିବନ୍ଧୁ ତାମୋଦର ମେହର ଯୋଗଦେଇ ଶିବିରର ଉଦ୍‌ଘାଟନ କରିଥିଲେ। ଟିମ୍ ଲିଡର ଶିବ ଶଙ୍କର ବିଭାର କାର୍ଯ୍ୟକ୍ରମ ସଂଯୋଜନା କରିବା ସହ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଶିବିରରେ ହାତୀ-ମଣିଷ ସଂଘର୍ଷ ହ୍ରାସ, ହାତୀମାନଙ୍କ ଚାଲିଚଳନ, ହାବଭାବ ଓ ଗତିପଥ ସମ୍ପର୍କରେ ସବିଶେଷ ଆଲୋଚନା ହୋଇଥିଲା। ବର୍ତ୍ତମାନ ଗଜସାଥୀଙ୍କ ସାମାଜିକ ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ବୁଝାଇବା ସହ ହାତୀଙ୍କ ପ୍ରତିନିଷ୍ପନ୍ନ ଆଚରଣ ନଜରଦାରୀ ଏବଂ ସେମାନଙ୍କ ଗତିପଥରେ ବାଧା ସୃଷ୍ଟି ନକରିବାକୁ ଆହ୍ୱାନ ଦେଇଥିଲେ। ଦିନବ୍ୟାପୀ ଏହି ତାଲିମ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ସମସ୍ତ ଗଜସାଥୀଙ୍କୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ଅଧକ୍ଷ ଶ୍ରୀ ପ୍ରତିତ କୁମାର ଅଧିକାରୀଙ୍କ ଦିଗ୍ ?ଦର୍ଶନରେ ଆୟୋଜିତ ସଭାକୁ ଶିକ୍ଷକ ଶ୍ରୀ ଉଦ୍ଧବ ଚନ୍ଦ୍ର ନାଏକ ଓ ଶ୍ରୀ ସୀମାଚଂଳ ମିଶ୍ର ପରିଚାଳନା କରିଥିଲେ। ଏଥିରେ ଶିକ୍ଷକ, କର୍ମଚାରୀ ଓ ବର୍ତ୍ତମାନର ତଥା ପ୍ରାକ୍ତନ ଛାତ୍ରଛାତ୍ରୀ ଯୋଗଦେଇ ପୁଲମାଳ, ଶୁଭେଚ୍ଛା କାର୍ଡ ଓ ଉପଢୌକନ ପ୍ରଦାନ କରି ଶ୍ରୀ କୁମାର ସାହୁ ସହଯୋଗ କରିଥିଲେ। ରେଙ୍ଗାଲି ରେଞ୍ଜ କାର୍ଯ୍ୟାଳୟର ସମସ୍ତ ବନପାଳ, ବନ କର୍ମଚାରୀ ଓ ସଂଯୋଜକ ଉପସ୍ଥିତ ଥିଲେ। ଶେଷରେ ଶିବ ଶଙ୍କର ବିଭାର ଧନ୍ୟବାଦ ଅର୍ପଣ କରିଥିଲେ।

ରାମନାଗୁଡ଼ା ଆଦର୍ଶ ବିଦ୍ୟାଳୟରେ ଗଣିତ ଶିକ୍ଷକଙ୍କୁ ଭାବବିହ୍ୱଳ ବିଦାୟ ସମ୍ବର୍ଦ୍ଧନା

ରାୟଗଡା,୧୧/୧୧(ନି/ପୁ): ରାୟଗଡା ଜିଲ୍ଲା ରାମନାଗୁଡ଼ା ବ୍ଲକ ସଦର ମହକୁମା ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ପରିସରରେ ଏକ ଭାବବିହ୍ୱଳ ପରିବେଶରେ ବିଦ୍ୟାଳୟର ଚଳାଚଳ ଗଣିତ ଶିକ୍ଷକ ଶ୍ରୀ ଅବିରାମ ମଣ୍ଡଳଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ସେ ଟିଚିଂ ଡୁପିଟିଚିପଦକୁ ପଦୋନ୍ନତି ପାଇ ଓଡ଼ିଶା ଆଦର୍ଶବିଦ୍ୟାଳୟ, ଜାଖାପୁରକୁ ବଦଳି ହୋଇଛନ୍ତି। ତାଙ୍କର ଏହି ପଦୋନ୍ନତି ଓ ନୂତନ କର୍ମକ୍ଷେତ୍ରରେ ଯୋଗଦାନ ଅବସରରେ ବିଦ୍ୟାଳୟ ପକ୍ଷରୁ ଏହି ବିଦାୟ ସଭା ଆୟୋଜନ କରାଯାଇଥିଲା। ବିଦ୍ୟାଳୟର ଅଧକ୍ଷ ଶ୍ରୀ ପ୍ରତିତ କୁମାର ଅଧିକାରୀଙ୍କ ଅଧିକାରୀ ମଧ୍ୟ ତାଙ୍କର ଗଣିତ ଶିକ୍ଷାଦାନ ଦକ୍ଷତା ସହ ସଙ୍ଗୀତ ଶିକ୍ଷା ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ନୈତିକ ମୂଲ୍ୟବୋଧର ବିକାଶ ପାଇଁ ଥିବା ଅବଦାନକୁ ପ୍ରଶଂସା କରି ତାଙ୍କର ବହୁମୁଖୀ ପ୍ରତିଭା ଓ କାର୍ଯ୍ୟନିଷ୍ଠାକୁ ସ୍ମରଣୀୟ ବୋଲି ମତବ୍ୟକ୍ତ କରିଥିଲେ। ବିଦାୟୀ ଅଭିଲାଷଣରେ ଶ୍ରୀ ଅବିରାମ ମଣ୍ଡଳ ଭାବବିହ୍ୱଳ ହୋଇ ରାମନାଗୁଡ଼ା ଆଦର୍ଶ ବିଦ୍ୟାଳୟକୁ ନିଜ ପରିବାର ଭାବେ ବର୍ଣ୍ଣନା କରିବା ସହ ଛାତ୍ରଛାତ୍ରୀ ଓ ସହକର୍ମୀଙ୍କ ସ୍ନେହ ଓ ଭଲପାଇବାକୁ ସବା ସ୍ମରଣ କରିବେ ବୋଲି କହିଥିଲେ।

ଦେବ୍ରିଗଡ଼ ଅଭୟାରଣ୍ୟରେ ସମ୍ବର ଶିକାର କଲା ବାଘ



ସମ୍ବଲପୁର,୧୧/୧୧(ନି/ପୁ): ଦେବ୍ରିଗଡ଼ ବନ୍ୟପ୍ରାଣୀ ଅଭୟାରଣ୍ୟରେ ପୁଣି ଦେଖିବାକୁ ମିଳିଛି ମହାବଳ ବାଘର ଦମଦାର ଉପସ୍ଥିତି। ଗତଜୁଲି ଅପରାହ୍ଣରେ ଅଭୟାରଣ୍ୟର ପର୍ଯ୍ୟଟକ ଜୋନ୍‌କୁ ନିଜ ଆବାସସ୍ଥଳୀ ଅନୁଧାନ କରିବାକୁ ଆସିଥିବା ବେଳେ ଏହି ବାଘଝୁ ୪ଟି ଏସ୍‌ଫାରିଗାଡ଼ିରେ ଥିବା ପ୍ରାୟ ୪୦ ଜଣ ପର୍ଯ୍ୟଟକ ଦେଖିବାର ସୁଯୋଗ ପାଇଥିଲେ। ସେହିଦିନ ବିଳମ୍ବିତ ସନ୍ଧ୍ୟାରେ ଅଭୟାରଣ୍ୟର ଜୋର୍ ଜୋରରେ ପୁରୁଷ ରୟାଲ ବେଙ୍ଗଲ ଟାଇଗର 'ମହାବଳ ବାଘ' ଏକ ସମୟ ହରିଣ ଶିକାର କରିଥିବା ଜଣାପଡ଼ିଛି। ବାଘର ଏହି ଶିକାରକୁ ବନ ବିଭାଗ ପକ୍ଷରୁ ନିଶ୍ଚିତ କରାଯାଇଛି। ଅଭୟାରଣ୍ୟରେ ବାଘର ସ୍ୱାଭାବିକ ଶିକାରୀ ଆଚରଣ ଓ ଜଙ୍ଗଲରେ ତାହାର ସକ୍ରିୟ ଉପସ୍ଥିତି ଦୃଷ୍ଟିରୁ ଏହାକୁ ଏକ ଗୁରୁତ୍ୱପୂର୍ଣ୍ଣ ବନ୍ୟଜନ୍ତୁ ଅବଲୋକନ ଭାବେ ଗ୍ରହଣ କରାଯାଇଛି। ଅନ୍ୟପକ୍ଷରେ ବାଘର ସୁରକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦେଇ ଅଭୟାରଣ୍ୟରେ ନଦୀପଥରେ ପାଟ୍ରୋଲିଂ ସହ ପଶ୍ଚିମ ସୀମାନ୍ତ ଅଞ୍ଚଳରେ ମଧ୍ୟ ନିରୀକ୍ଷଣ ବ୍ୟବସ୍ଥାକୁ ଜଡ଼ାଜଡ଼ି କରାଯାଇଛି। ସମ୍ଭାବ୍ୟ ଶିକାରୀ, ଫାଶ, ଜାଲ ଜିମ୍ବା ବାଘର ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରିପାରୁଥିବା ଯେକୌଣସି ସନ୍ଦେହଜନକ କାର୍ଯ୍ୟକଳାପ ସମ୍ପର୍କରେ ତୁରନ୍ତ ସୂଚନା ଦେବାକୁ ପୁଲିସ, ସ୍ଥାନୀୟ ଜନସାଧାରଣ ଓ ଗୁପ୍ତ ସୂଚନାଦାତାଙ୍କୁ ସର୍ତ୍ତକ କରାଯାଇଛି। ଏଭଳି ବିଶ୍ୱସ୍ତନୀୟ ସୂଚନା ପ୍ରଦାନ କରୁଥିବା ସୂଚନାଦାତାଙ୍କ ପାଇଁ ୧,୦୦୦ ଟଙ୍କା ପୁରସ୍କାର ଘୋଷଣା କରାଯାଇଛି। ସୂଚନାଦାତାଙ୍କ ପରିଚୟ ସମ୍ପୂର୍ଣ୍ଣ ଗୋପନୀୟ ରଖାଯିବ। ଏହି କାର୍ଯ୍ୟରେ ବରଗଡ଼ ଓ ସମ୍ବଲପୁର ଜିଲ୍ଲା ପୁଲିସ ମଧ୍ୟ ଆବଶ୍ୟକ ସହଯୋଗ ଓ ସୂଚନା ଯୋଗାଇଦେବେ। ଦେବ୍ରିଗଡ଼ ଅଭୟାରଣ୍ୟରେ ମହାବଳ ବାଘର ସୁରକ୍ଷିତ ବିଚରଣ ଓ ସଂରକ୍ଷଣ ପାଇଁ ବନ ବିଭାଗର ଏହି ପଦକ୍ଷେପକୁ ଗୁରୁତ୍ୱପୂର୍ଣ୍ଣବୋଲିମନେ କରାଯାଇଛି।

କୁକୁରକୁ ପଥର ମାରିବାକୁ ନେଇ ଗଣ୍ଡଗୋଳ : ଦୁଇ ବୋଷୀ ସାବ୍ୟସ୍ତ, ହଜାରେ ଟଙ୍କା ଲେଖାଏଁ ଜରିମାନା, ଅନାଦେୟ ହେଲେ ୭ ଦିନ ଜେଲ୍

ଝାରସୁଗୁଡ଼ା,୧୧/୧୧(ନି/ପୁ): କୁକୁରକୁ ପଥର ମାରି ଘଉଡ଼ାଇବା ଘଟଣାକୁ କେନ୍ଦ୍ର କରି ହୋଇଥିବା ଗଣ୍ଡଗୋଳ ମାମଲାରେ ଲଖନପୁର ଗ୍ରାମ ନ୍ୟାୟାଳୟ ଦୁଇ ଅଭିଯୁକ୍ତଙ୍କୁ ବୋଷୀ ସାବ୍ୟସ୍ତ କରିଛନ୍ତି। ଉଭୟଙ୍କୁ ୧ ହଜାର ଟଙ୍କା ଲେଖାଏଁ ଜରିମାନା ଏବଂ ଜରିମାନା ଅନାଦେୟ ହେଲେ ୭ ଦିନ ଲେଖାଏଁ ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଝାରସୁଗୁଡ଼ା ଜିଲ୍ଲା ରେଙ୍ଗାଲି ଥାନା ଅନ୍ତର୍ଗତ ଚିଲାପାଲି ଗ୍ରାମରେ ଘଟିଥିବା ଏହି ଘଟଣାର ରାୟ ପ୍ରକାଶ ପାଇବା ପରେ ଏହା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି। ପୁଲିସ ସୂତ୍ରରୁ ପ୍ରକାଶ ଯେ, ୨୦୨୬ ଏପ୍ରିଲ ୮ ତାରିଖ ସକାଳେ ଚିଲାପାଲି ଗ୍ରାମର ଟିକାରାମ ପଟ୍ଟେଲ (୪୯) ଅନ୍ୟ ଦୁଇ ଜଣଙ୍କ ସହ ଗିରିଧାରୀ ପଟ୍ଟେଲଙ୍କ ବାରଣ୍ଡାରେ ବସିଥିଲେ। ଏହି ସମୟରେ ଏକ କୁକୁର ଘର ଭିତରକୁ ପଶିବାକୁ ଉଦ୍ୟମ କରିବାରୁ ଟିକାରାମ ତାକୁ ପଥର ମାରି ଘଉଡ଼ାଇ ଦେଇଥିଲେ। ଏହାକୁ କେନ୍ଦ୍ର କରି ବିଜୟ ବାରିକ, ତାଙ୍କ ଭଉଣୀ ଯଶୋଦା ବାରିକ ଓ ଅଞ୍ଜଳି ବାରିକ ଟିକାରାମଙ୍କୁ ଗାଳିଗୁଲଜ କରିବା ସହ ମାରପିଟ୍ କରିଥିବା ଅଭିଯୋଗ ହୋଇଥିଲା। ଏପରକି ଯଶୋଦା ଏକ ଜାଠ ପଟାରେ ଆକ୍ରମଣ କରିଥିବା ଟିକାରାମ ରେଙ୍ଗାଲି ଥାନାରେ ଦାଖଲ କରିଥିବା ଲିଖିତ ଅଭିଯୋଗରେ ବର୍ଣ୍ଣାଯଥିଲେ।ଏହି ଅଭିଯୋଗ ଆଧାରରେ ରେଙ୍ଗାଲି ଥାନାରେ ମାମଲା ରୁଜୁ ହୋଇଥିଲା। ମାମଲାର ତଦନ୍ତ ଦାୟିତ୍ୱରେ ଥିବା ଏଏସ୍‌ଆଇ ପୁଷ୍ପା ଖମାରୀ ତଦନ୍ତ ଶେଷ କରି ଜୁନ୍ ୩ ତାରିଖରେ ଅଦାଲତରେ ଚାର୍ଜସିଟ୍ ଦାଖଲ କରିଥିଲେ। ସରକାରୀ ଓକିଲ ଶିବଶଙ୍କର ସାହୁ ମାମଲା ପରିଚାଳନା କରିଥିଲେ। ଶେଷରେ ଲଖନପୁର ଗ୍ରାମ ନ୍ୟାୟାଳୟ ମାମଲାର ବିଚାର କରି ଦୁଇ ଅଭିଯୁକ୍ତଙ୍କୁ ବୋଷୀ ସାବ୍ୟସ୍ତ କରି ଉକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି।

ଦିଲ୍ଲୀରେ ଓଡ଼ିଶା ଛାତ୍ର ସଂଗଠନ ପକ୍ଷରୁ ପାଳିତ ହେଲା 'ଦିଲ୍ ୱାଲୋ କା ଦିୱାଲୀ'

ସମ୍ବଲପୁର,୧୧/୧୧(ନି/ପୁ): ଖୁସି, ଆନନ୍ଦ ଓ ଆଲୋକର ପର୍ବ ଦୀପାବଳିକୁ ନିଆରା ଢଙ୍ଗରେ ପାଳନ କରିଛି ଦିଲ୍ଲୀରେ ଅଧ୍ୟୟନରତ ଓଡ଼ିଆ ଛାତ୍ରଛାତ୍ରୀ ଓ ଗବେଷକମାନଙ୍କୁ ନେଇ ଗଠିତ ଓଡ଼ିଶା ଛାତ୍ର ସଂଗଠନ। ସଂଗଠନ ପକ୍ଷରୁ 'ଦିଲ୍ ୱାଲୋ କା ଦିୱାଲୀ' ନାମରେ ଏକ ମାନବିକତା ଓ ସେବାମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ରାସ୍ତାକଡ଼ରେ ରହୁଥିବା ଅସହାୟ ଶିଶୁ ଓ ଗରିବ ଲୋକଙ୍କ ସହ ଦୀପାବଳିର ଖୁସି ବାଣ୍ଟିଥିଲେ। ସାଧାରଣତଃ ଲୋକେ ନିଜ ପରିବାର ସହ ଘରେ ଦୀପାବଳି ପାଳନ କରୁଥିବା ବେଳେ ସଂଗଠନର କର୍ମକର୍ତ୍ତାମାନେ ସମାଜର ଅବହେଳିତ ଶିଶୁମାନଙ୍କ ମୁହଁରେ ହସ ଫୁଟାଇବା ପାଇଁ ଏହି ନିଆରା ପ୍ରୟାସ କରିଥିଲେ। ଏହି ଅବସରରେ ଶିଶୁମାନଙ୍କ ସହ ବାପ ପ୍ରକ୍ଟନ କରିବା ସହ ମିଠା ତଟ୍ଟନ କରାଯାଇଥିଲା। ଏଥିସହ ଶିଶୁମାନଙ୍କୁ ଶିକ୍ଷାର ମହତ୍ୱ ବୁଝାଇବା ସହ ନିୟମିତ ପାଠପଢ଼ି ନିଜ ଭବିଷ୍ୟତ ଗଢ଼ିବା ଏବଂ ଆଗାମୀ ଦିନରେ ସମାଜ ଓ ରାଷ୍ଟ୍ରର ବିକାଶରେ ଯୋଗଦାନ ଦେବା ପାଇଁ ଜର୍ମକର୍ତ୍ତାମାନେ ପରାମର୍ଶ ଦେଇଥିଲେ। ଓଡ଼ିଶା ଛାତ୍ର ସଂଗଠନ ଦିଲ୍ଲୀରେ ଅଧ୍ୟୟନରତ ଓଡ଼ିଆ ଛାତ୍ରଛାତ୍ରୀଙ୍କ ସ୍ୱାର୍ଥ ଓ ଅଧିକାର ପାଇଁ କାର୍ଯ୍ୟ କରିବା ସହ ଓଡ଼ିଶାର କଳା, ସଂସ୍କୃତି ଓ ଐତିହ୍ୟର ପ୍ରଚାର ପ୍ରସାର କରିଆସୁଛି। ଜଲ୍ଦ ବିଦ୍ୟ, ନୂଆଁଖାଇ, ଗଣେଶ ପୂଜା, ସରସ୍ୱତୀ ପୂଜା, ହୋଲି, ଦୀପାବଳି ଓ ରକ୍ଷାବନ୍ଧନ ଭଳି ପର୍ବପର୍ବାଣିକୁ ମଧ୍ୟ ସଂଗଠନ ପକ୍ଷରୁ ପାଳନ କରାଯାଏ। ଏଥିସହ ଦିଲ୍ଲୀର ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ର ସଂସଦ ନିର୍ବାଚନରେ ଓଡ଼ିଆ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ ଓ ସମର୍ଥନ କରିଥାଏ।

ଛାତ୍ରନେତା ସମ୍ମିଳନୀରେ ବ୍ୟକ୍ତିତ୍ୱ ବିକାଶ ଓ ସମାଜସେବା ଉପରେ ଗୁରୁତ୍ୱ

ଝାରସୁଗୁଡ଼ା, ୧୧/୧୧(ନି/ପୁ): ରାଷ୍ଟ୍ରର ପୁନଃନିର୍ମାଣ ଓ ସମାଜର ସର୍ବାଙ୍ଗୀଣ ବିକାଶରେ ଛାତ୍ର ସମାଜର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଛାତ୍ରଜୀବନ କେବଳ ଶିକ୍ଷା ଓ କ୍ୟାରିୟର ଗଠନରେ ସୀମିତ ନ ରହି ସମାଜସେବା, ନେତୃତ୍ୱ ଓ ଦେଶ ଗଠନର ମାଧ୍ୟମ ହେବା ଆବଶ୍ୟକ। ଏଭଳି ଆହ୍ୱାନ ସହ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ପକ୍ଷରୁ ଝାରସୁଗୁଡ଼ା ସାଂଗଠନିକ ଜିଲ୍ଲାସ୍ତରୀୟ ଛାତ୍ରନେତା ସମ୍ମ



ନଭେମ୍ବର ୨୬, ୨୮ ଓ ୨୯ ତିନି ଦିନ ଧରି ତ୍ରିଶକ୍ତି ଧାମରେ ବିଶାଳ ମାଗଣା ଦିବ୍ୟାଙ୍ଗ ଶିବିର



ରାଉରକେଲା, ୧୧/୧୧(ନି/ପ): ଚଳିତ ନଭେମ୍ବର ୨୬, ୨୮ ଓ ୨୯ ତାରିଖ ତିନି ଦିନ ଧରି ଦିବ୍ୟାଙ୍ଗମାନଙ୍କୁ ଚକ୍ରିମ ଗୋଡ଼, ଯାନ୍ତ୍ରିକ ହାତ, ଆଖାବାଡ଼ି, କହୁଣୀ ବାଡ଼ି, ଚାଲିବା ବାଡ଼ି ଏବଂ ଅନ୍ଧ ବାଡ଼ି ମାଗଣାରେ ବଣ୍ଟନ କରାଯିବ। ଆଜି ରାଉରକେଲା ମାରଖ୍ୱାଡି ସ୍ଥିତ ମଦ୍ଦ - ଜାଗୃତି ଶାଖା ଏବଂ ରାଉରକେଲା ତ୍ରିଶକ୍ତି ଧାମ ସେବା ଟ୍ରଷ୍ଟ ପକ୍ଷରୁ ତ୍ରିଶକ୍ତି ଧାମରେ ଏହି ବିଶାଳ ମାଗଣା ଦିବ୍ୟାଙ୍ଗ ସହାୟତା ଶିବିର ଆୟୋଜନ କରାଯାଇଛି। ଏହି ତିନି ଦିନିଆ ଶିବିର ରାଉରକେଲାର ହନୁମାନ ଭାଟିକା ସ୍ଥିତ ତ୍ରିଶକ୍ତି ଧାମ ପରିସରରେ ଅନୁଷ୍ଠିତ ହେବା ସହିତ ଆବଶ୍ୟକୀୟ ଲୋକଙ୍କୁ କୃତ୍ରିମ ବୋଲି ମଧ୍ୟ ସୂଚନା ଦିଆଯାଇଛି। ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କୁ ସ୍ୱାବଲମ୍ବୀ ଏବଂ ମର୍ଯ୍ୟାଦାଜନକ ଜୀବନଯାପନ କରିବାରେ ସହାୟତା ପ୍ରଦାନ କରିବା ଲକ୍ଷ୍ୟରେ ନଭେମ୍ବର ୨୬, ୨୮ ଏବଂ ୨୯ ତାରିଖରେ ମାରଖ୍ୱାଡି ଯୁବ ମଦ୍ଦ - ଜାଗୃତି ଶାଖା ଏବଂ ତ୍ରିଶକ୍ତି ସେବା ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ରାଟିର ଶ୍ରୀ ଭଗବାନ ମହାବୀର ବିକଳାଙ୍ଗ ସହାୟତା ସମିତିର ସହଯୋଗରେ ଏହି ବିଶାଳ ମାଗଣା ଦିବ୍ୟାଙ୍ଗ ସହାୟତା ଶିବିର ଆୟୋଜନ କରାଯାଇଛି। ଏହି ତିନି ଦିନିଆ ଶିବିର ରାଉରକେଲାର ହନୁମାନ ଭାଟିକା ସ୍ଥିତ ତ୍ରିଶକ୍ତି ଧାମ ପରିସରରେ ଅନୁଷ୍ଠିତ ହେବା ସହିତ ଆବଶ୍ୟକୀୟ ଲୋକଙ୍କୁ କୃତ୍ରିମ ଗୋଡ଼, ଯାନ୍ତ୍ରିକ ହାତ, ଆଖାବାଡ଼ି, କହୁଣୀ ବାଡ଼ି, ଚାଲିବା ବାଡ଼ି ଏବଂ ଅନ୍ଧ ବାଡ଼ି ମାଗଣାରେ ଯୋଗାଇ ଦିଆଯିବ। ଏହି ଶିବିରର ବିଶେଷତ୍ୱ ହେଉଛି, ହିତାଧିକାରୀଙ୍କୁ କୃତ୍ରିମ ଅଙ୍ଗ ଏବଂ ସହାୟକ ଉପକରଣ ପ୍ରଦାନ କରାଯିବା ସହିତ ସେମାନଙ୍କର ରହିବା, ଖାଇବା ଏବଂ ଅନ୍ୟାନ୍ୟ ସମସ୍ତ ଆବଶ୍ୟକୀୟ ବ୍ୟବସ୍ଥା ମଧ୍ୟ ମାଗଣାରେ ଯୋଗାଇ ଦିଆଯିବ। ଏହା ବ୍ୟତୀତ, ଦୂରଦୂରାନ୍ତରୁ ଆସୁଥିବା ହିତାଧିକାରୀଙ୍କ ସହ ଆସୁଥିବା ପରିଚାରକମାନଙ୍କ ପାଇଁ ମାଗଣା ରହିବା ଏବଂ ଖାଇବାର ବ୍ୟବସ୍ଥା କରାଯାଇଛି। ଯାହା ଦ୍ୱାରା ଦୌଳସି ଗରୀବ ପରିବାର ଆର୍ଥିକ ଅସୁବିଧାର ସମ୍ମୁଖୀନ ନହୁଏ। ଏହି ସେବା ଶିବିରର ପ୍ରାଥମିକ ଉଦ୍ଦେଶ୍ୟ ହେଉଛି ସମାଜରେ ଗରୀବ ବିକଳାଙ୍ଗ ବ୍ୟକ୍ତିମାନଙ୍କୁ ଆବଶ୍ୟକୀୟ କୃତ୍ରିମ ଅଙ୍ଗ ଏବଂ ସହାୟକ ଉପକରଣ ପ୍ରଦାନ କରି ସେମାନଙ୍କ ଜୀବନକୁ ଅଧିକ ଆରାମଦାୟକ, ସୁସମ ଏବଂ ସ୍ୱାବଲମ୍ବୀ କରିବା। ଆର୍ଥିକ ପ୍ରତିବନ୍ଧକ ଯୋଗୁଁ ଅନେକ ଗରିବ ଓ ଦୁର୍ବଳ ଶ୍ରେଣୀର ବ୍ୟକ୍ତି ଏହି ସୁବିଧାରୁ ବଞ୍ଚିତ ହୁଅନ୍ତି। ଏହି କାର୍ଯ୍ୟକ୍ରମର ପ୍ରାଥମିକ ଉଦ୍ଦେଶ୍ୟ ହେଉଛି ଏପରି ଲୋକଙ୍କୁ ସେବା ପ୍ରଦାନ କରିବା। ଶିବିରରୁ ଲାଭ ପାଇବାକୁ ଚାହୁଁଥିବା ବିକଳାଙ୍ଗ ବ୍ୟକ୍ତିମାନଙ୍କୁ ଦୁର୍ବୃଦ୍ଧ ଏବଂ ଦୁର୍ବଳ ଶ୍ରେଣୀର ତ୍ରିଶକ୍ତି ଧାମ ସେବା ଟ୍ରଷ୍ଟର ସଚିବ ଶ୍ୟାମ ବିହାରୀ ଗୋୟଲ, ସଂଯୋଜକ ବବଲୁ ଗୋୟଲ, ଅନୀଲ ମିତ୍ତଲ, ପପୁ ଅଗ୍ରୱାଲ ଏବଂ ମାରଖ୍ୱାଡି ଯୁବା ମଦ୍ଦ- ଜାଗୃତି ଶାଖାର ସଭାନେତ୍ରୀ ଶ୍ରୀମତୀ ପ୍ରଭାସ ଅଗ୍ରୱାଲ, ସଚିବ ଶ୍ରୀମତୀ ହାଟ୍ଟନ ଅଗ୍ରୱାଲ, କୋଷାଧକ୍ଷା ଶ୍ରୀମତୀ ଜ୍ୟୋତି ଅଗ୍ରୱାଲ, ପ୍ରକଳ୍ପ ନିର୍ଦ୍ଦେଶିକା ଶ୍ରୀମତୀ ଅନାମିକା ମିତ୍ତଲ, ଶ୍ରୀମତୀ ରୁବି ବଦସଲ, ଶ୍ରୀମତୀ ରୂପା ଅଗ୍ରୱାଲ, ଶ୍ରୀମତୀ କୌଶଲ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

ଯଥାସମ୍ଭବ ଅଧିକ ଲୋକଙ୍କ ପାଖରେ, ବିଶେଷକରି ଗ୍ରାମାଞ୍ଚଳ ଏବଂ ଦୁର୍ଗମ ଅଞ୍ଚଳରେ ରହୁଥିବା ଭିନ୍ନକ୍ଷମ ଲୋକଙ୍କ ପାଖରେ ପହଞ୍ଚାଇବାକୁ ଆୟୋଜକ ସଂଗଠନଗୁଡ଼ିକ ସମସ୍ତ ଓଡ଼ିଶା ଏବଂ ରାଉରକେଲା ସମେତ ପଡ଼ୋଶୀ ରାଜ୍ୟର ସାମାଜିକ ସଂଗଠନ, ସାମାଜିକ କର୍ମୀ, ଜନପ୍ରତିନିଧି ଏବଂ ସାଧାରଣ ନାଗରିକଙ୍କୁ ଅନୁରୋଧ କରିଛନ୍ତି, ଯାହା ଦ୍ୱାରା କୌଣସି ଅସହାୟ ବ୍ୟକ୍ତି ଏହି ସୁବିଧାରୁ ବଞ୍ଚିତ ନ ହୁଅନ୍ତି। ଆଜିର ଏହି ସାମାଜିକ ସଚିବଜୀରେ ତ୍ରିଶକ୍ତି ଧାମ ସେବା ଟ୍ରଷ୍ଟର ସଚିବ ଶ୍ୟାମ ବିହାରୀ ଗୋୟଲ, ସଂଯୋଜକ ବବଲୁ ଗୋୟଲ, ଅନୀଲ ମିତ୍ତଲ, ପପୁ ଅଗ୍ରୱାଲ ଏବଂ ମାରଖ୍ୱାଡି ଯୁବା ମଦ୍ଦ- ଜାଗୃତି ଶାଖାର ସଭାନେତ୍ରୀ ଶ୍ରୀମତୀ ପ୍ରଭାସ ଅଗ୍ରୱାଲ, ସଚିବ ଶ୍ରୀମତୀ ହାଟ୍ଟନ ଅଗ୍ରୱାଲ, କୋଷାଧକ୍ଷା ଶ୍ରୀମତୀ ଜ୍ୟୋତି ଅଗ୍ରୱାଲ, ପ୍ରକଳ୍ପ ନିର୍ଦ୍ଦେଶିକା ଶ୍ରୀମତୀ ଅନାମିକା ମିତ୍ତଲ, ଶ୍ରୀମତୀ ରୁବି ବଦସଲ, ଶ୍ରୀମତୀ ରୂପା ଅଗ୍ରୱାଲ, ଶ୍ରୀମତୀ କୌଶଲ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।



ରାଜ୍ୟ ପୋଲିସ୍ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ର ଚାଙ୍ଗ ଏକ ବିଦାୟୀ ସ୍ପଷ୍ଟ ରେ ଆଜି ଆସି ରାଉରକେଲାରେ ପହଂଚିଛନ୍ତି। ସହରରେ ପହଂଚିବା ପରେ ପଶ୍ଚିମାଞ୍ଚଳ ଡିଆଇଜିଙ୍କ କାର୍ଯ୍ୟାଳୟରେ ଏକ ଉତ୍ତରାୟ ବୈଠକରେ ଡିଜିପି ଯୋଗ ଦେଇଥିଲେ। ଏହି ବୈଠକରେ ପଶ୍ଚିମାଞ୍ଚଳ ଡଆଇଜି ତ୍ରିଲଙ୍କ କୁମାର ରାଏ , ରାଉରକେଲା ଏସପି ନୀତେଶ ଖାଖଖାନି, ସୁନ୍ଦରଗଡ଼ ଏସପି ଅମିତ ପାଲ୍ ଖୋର , କେନ୍ଦୁଝର ଏସପି ନୀତିନ କୁଶଲକର ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ରାଉରକେଲା , କେନ୍ଦୁଝର , ସୁନ୍ଦରଗଡ଼ ପୋଲିସ୍ ଜିଲ୍ଲାର ଅପରାଧ ହାର , ଅପରାଧ ନିୟନ୍ତ୍ରଣ , ପୋଲିସ୍ ର କାର୍ଯ୍ୟଧାରା , ଜିଲ୍ଲାରେ ଆଇନ ଶୃଙ୍ଖଳା ସ୍ଥିତି ନେଇ ଆଲୋଚନା ହୋଇଥିଲା। ଜିଲ୍ଲାପାଳ ଡଙ୍କର ଶୁଭଙ୍କର ମହାପାତ୍ର , ଏଡିଏମ୍ ଦିନା ବନ୍ଧୁଗିର ପ୍ରମୁଖ ମଧ୍ୟ ବୈଠକରେ ଉପସ୍ଥିତ ଥିଲେ।

ରୋଭର୍ସ କ୍ଲବର ୬୬ ତମ ବାର୍ଷିକ ସମାରୋହ

ଉତ୍ତର,୧୧/୧୧(ନି/ପ):ଉତ୍ତର ପୁରୁଣା ବଡ଼ାର ସ୍ଥିତ ରୋଭର୍ସ କ୍ଲବର ୬୬ ତମ ପ୍ରତିଷ୍ଠା ଦିବସ ଓ ବାର୍ଷିକ ସମାରୋହ ଉଦଯାପିତ ହୋଇଯାଇଛି। ଉତ୍ତରରେ ଅନେକ କ୍ଲବ ରହିଛି ଏବଂ ତା ମଧ୍ୟରୁ ରୋଭର୍ସ କ୍ଲବ ଏକା ଡିଷ୍ଟି ରହିଛି । ଏହି କ୍ଲବ ଆନୁତୁଲ୍ୟରୁ ମହାବୀର ପଡିଆ ଠାରେ ଅନେକ ଖେଳ ଫୁଟବଲ ଓ କ୍ରିକେଟ ଟୁର୍ନାମେଂଟ ଆମ ରାଜ୍ୟ ଓ ରାଜ୍ୟ ବାହାରୁ କ୍ଲବ ଗୁଡିକ ଆସେ ତାହା ଟୁର୍ନାମେଂଟ ହିସାବରେ ଖେଳନ୍ତି ଏବଂ ନିଜେ ରୋଭର୍ସ କ୍ଲବ ମଧ୍ୟ ଓଡ଼ିଶାର ପ୍ରତ୍ୟେକ ଏରିଆ କୁ ଖେଳିବାକୁ ଯାଆନ୍ତି ଓ ସୁନାମ ଅର୍ଜନ କରୁଛନ୍ତି । ଉତ୍ତର ଏକ ଭାଇଚାରା ସହର ରେ ଏହି କ୍ଲବ ରହିଛି । ଆଲୋଚର ପର୍ବ ପାପାବଳି ସନ୍ଧ୍ୟା ସମୟରେ କ୍ଲବର ପ୍ରତିଷ୍ଠା ଦିବସରେ ଅତିଥିଙ୍କ ଦ୍ୱାରା ମଶାଚଡି ଉଗାର ଶୁଭାରମ୍ଭ କରାଯାଇଥିଲା । କ୍ଲବର ସଭାପତି ହରି ନନ୍ଦାଙ୍କ ସଭାପତିତ୍ୱ ଓ ସମାଜସେବୀ ସୁଧାକର ରାଉତଙ୍କ ସହଯୋଗରେ ଆରମ୍ଭ ହୋଇଥିଲା ।

ନିଟସନ ତରଫରୁ ଶିଶୁ ମଡେଲିଂ ପ୍ରତିଯୋଗିତା ଆସନ୍ତା ୧୫ରେ



ରାଉରକେଲା,୧୧/୧୧(ନି/ପ): ବାସନ୍ତୀ କଲୋନୀ ସ୍ଥିତ ନିଟସନ ମଡେଲିଂ ଏକାଡେମୀ ତରଫରୁ ଆସନ୍ତା ୧୫ ତାରିଖ ଦିନ ସନ୍ଧ୍ୟା ୫ ଟା ସମୟରେ ସ୍ଥାନୀୟ ମଲ ଠାରେ ଶିଶୁ ମଡେଲିଂ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଏସମ୍ପର୍କରେ ନିଟସନ୍‌ର କାର୍ଯ୍ୟାଳୟ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅନୁଷ୍ଠାନର ମୁଖ୍ୟ ନିଦ୍ୟାଜ୍ଞା ପରିଡା ସାମ୍ବାଦିକଙ୍କୁ ସୂଚନା ଦେଇ କହିଲେ ଯେ ୪ ରୁ ୧୨ ବର୍ଷ ମଧ୍ୟରେ ଶିଶୁ ମାନଙ୍କ ମଧ୍ୟରେ ମଡେଲିଂ ପ୍ରତି ଥିବା ପ୍ରତିବଦ୍ଧତାକୁ ଲୋକ ଲୋଚନରେ ଆଣିବା ପାଇଁ ଏହା ପ୍ରୟାସ ମାତ୍ର। ସେମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବୃଦ୍ଧି ଓ ନିଜର ସୌନ୍ଦର୍ଯ୍ୟ ପ୍ରତି ସଚେତନ କରାଇବା ଏହି ପ୍ରତିଯୋଗିତାର ମୂଳ ଲକ୍ଷ୍ୟ। ତିନି ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତା ରେ କୁଡିଟି ହାସଲ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ସୟଲପୁରୀ ନୃତ୍ୟଶିଳ୍ପୀ ଶ୍ରଦ୍ଧା ପ୍ରଧାନ,ଉତ୍କଳାପ୍ରାଣୀ ବିଧାୟକ ଦୁର୍ଗାଚରଣ ତନ୍ତୀ , ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ସମାଜସେବୀ ଜମଲ ଅଗ୍ରୱାଲ ପ୍ରମୁଖ ଯୋଗଦେବେ। ସେହିପରି ବିଚାରକ ଭାବେ ସୁମିତ ରାଉପୁର, ବୈଷ୍ଣବୀ ପାଣିଗ୍ରାହୀ,ପ୍ରିୟା ଖାଇଁ,ପ୍ରିନ୍ସ ଚାଉଖୁ। ପ୍ରମୁଖ ବାୟିତ୍ୱ ବୁଝାଇବେ ବୋଲି ସୂଚନା ଦିଆଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଲୀନା ରାଉତ, ନମିତା ରାଉତ, ଧନମାୟା ବିଷ୍ଟ,ସୁଚିତ ରଞ୍ଜନ ପରିଡ଼ା,ପ୍ରାତମ ସାମଲ, ମଧୁ ଜ୍ୟୋତ୍ସା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

ଜେନେସିସ୍ ୨୦୨୬ – ନର୍ସିଂ ଛାତ୍ରଛାତ୍ରୀଙ୍କ ଇଣ୍ଡକ୍ସନ୍-କମ୍-ଓରିଏଣ୍ଟେସନ୍ କାର୍ଯ୍ୟକ୍ରମ



ରାଉରକେଲା,୧୧/୧୧(ନି/ପ): “ଜେନେସିସ୍ ୨୦୨୬”, ନର୍ସିଂ ଛାତ୍ରଛାତ୍ରୀଙ୍କ ପାଇଁ ଏକ ଇଣ୍ଡକ୍ସନ୍-କମ୍-ଓରିଏଣ୍ଟେସନ୍ କାର୍ଯ୍ୟକ୍ରମ ସାଇ ଭ୍ୟାଲି ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସରେ ଆୟୋଜିତ ହୋଇଥିଲା। ନୂତନ ଭାବେ ନାମ ଲେଖାଇଥିବା ନର୍ସିଂ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରିବା ଏବଂ ସେମାନଙ୍କୁ ଅନୁଷ୍ଠାନର ଶୈକ୍ଷିକ ପରିବେଶ, ମୂଲ୍ୟବୋଧ, ଶୃଙ୍ଖଳା ଏବଂ ବୃତ୍ତିଗତ ଦାୟିତ୍ୱ ସମ୍ପର୍କରେ ପରିଚିତ କରାଇବା ପାଇଁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ମୋଟ ୫୦ ଜଣ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ରଫେସର ଗିୟା ମୁଖାର୍ଜୀ ମଂଚ ପରିଚାଳନା କରିଥିଲେ । ଅନୁଷ୍ଠାନର ନିର୍ଦ୍ଦେଶକ ଗଣେଶ୍ୱର ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରି ଅତିଥି, ଅଧ୍ୟାପକ ଓ ଛାତ୍ରଛାତ୍ରୀଙ୍କୁ ଉଷ୍ମ ସ୍ୱାଗତ କରିଥିଲେ ଏବଂ ଅନୁଷ୍ଠାନ ଏବଂ ଏହାର ଶୈକ୍ଷିକ ବୃଦ୍ଧିଜୋଶ ବିଷୟରେ ସୂଚନା ଦେଇଥିଲେ। ଏହାପରେ ସାଇ ଭ୍ୟାଲି ଗ୍ରୁପ୍‌ର ଅଧକ୍ଷ ଲୋକେଶ ନନ୍ଦଙ୍କ ପ୍ରେରଣାଦାୟୀ ଭାଷଣ କାର୍ଯ୍ୟକ୍ରମକୁ ଆହୁରି ସମୃଦ୍ଧ କରିଥିଲା, ଯିଏ ଛାତ୍ରଛାତ୍ରୀମାନଙ୍କୁ ନିଜ ଶୈକ୍ଷିକ ଏବଂ ବ୍ୟକ୍ତିଗତ ବିକାଶ ପାଇଁ ମନୋଯୋଗୀ, ଶୃଙ୍ଖଳିତ ଏବଂ ସମର୍ପିତ ରହିବାକୁ ପ୍ରେରଣା ଦେଇଥିଲେ। ଏହାପରେ ଉପାଧକ୍ଷ ଡ ଭଗବାନ ପାତ୍ରୀଙ୍କ ପ୍ରେରଣାଦାୟୀ ବକ୍ତବ୍ୟରେ ଛାତ୍ରଛାତ୍ରୀମାନଙ୍କୁ ଆତ୍ମବିଶ୍ୱାସ ବଢ଼ାଇବା, ସହାରାମୂକ ମନୋଭାବ ରଖିବା ଏବଂ ନିଜ ଲକ୍ଷ୍ୟ ହାସଲ ପାଇଁ ନିଷ୍ଠାର ସହ କାମ କରିବାକୁ ଉତ୍ସାହିତ କରିଥିଲେ। ଉପ-ଅଧକ୍ଷ ଜୁନାଲ୍ ସା ସଭାକୁ ସମ୍ବୋଧିତ କରି ନିଜର ସମ୍ବୋଧିତ କରି ନର୍ସିଂ ଛାତ୍ରଛାତ୍ରୀଙ୍କ ସହ ନିଜର ମୂଲ୍ୟବାନ ମାର୍ଗଦର୍ଶନ ଓ ଅନୁଭୂତି ବାଣ୍ଟିଥିଲେ। ସେ ସେମାନଙ୍କୁ ନିଷ୍ଠା, କରୁଣା, ଆନ୍ତରିକତା ଏବଂ ମାନବତା ପ୍ରତି ଦୃଢ଼ ଦାୟିତ୍ୱବୋଧ ସହ ନିଜ ବିଭୁ ଆଗେର ନେବାକୁ ଉତ୍ସାହିତ କରିଥିଲେ। ସଜ୍ଞାନ ଓ କୃତଜ୍ଞତାର ପ୍ରତୀକ ଭାବେ ଅନୁଷ୍ଠାନ ପକ୍ଷରୁ ମୁଖ୍ୟ ଅତିଥିଙ୍କୁ ସମ୍ବର୍ଦ୍ଧିତ ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ପ୍ରଦର୍ଶନ କରିଥିଲା। ପ୍ରଥମ ବର୍ଷ ଛାତ୍ରଛାତ୍ରୀଙ୍କ ପାଇଁ ଏକ ଇଣ୍ଡକ୍ସନ୍ ଅନୁଷ୍ଠାନ ଆୟୋଜନ କରାଯାଇଥିଲା। ଜାତୀୟ ସଙ୍ଗୀତ ସହ ଉତ୍ସବ ଶେଷ ହୋଇଥିଲା, ଯାହା ଜେନେସିସ୍ ୨୦୨୬ ର ଆନୁଷ୍ଠାନିକ ସମାପନକୁ ସୂଚାଇଥିଲା। ଅଧକ୍ଷ ଧନଞ୍ଜୟ ସା ସମସ୍ତ ନୂତନ ଭାବେ ନାମ ଲେଖାଇଥିବା ନର୍ସିଂ ଛାତ୍ରଛାତ୍ରୀଙ୍କୁ ସଫଳ ଏବଂ ସାର୍ଥକ ଶୈକ୍ଷିକ ଯାତ୍ରା ପାଇଁ ଶୁଭେଚ୍ଛା ଜଣାଇଥିଲେ। ଉତ୍ସବରେ ସାଂସ୍କୃତିକ ରଙ୍ଗ ଭରିବା ପାଇଁ ସୁଶ୍ରୀ ଲତିକା ଲୁଗୁନ୍ ଏକ ସୁନ୍ଦର ସୟଲପୁରୀ ନୃତ୍ୟ ପରିବେଷଣ କରି ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ପ୍ରଦର୍ଶନ କରିଥିଲେ। ସୁଶ୍ରୀ ଲତିକା ଲୁଗୁନ୍ ଏବଂ ସୁଶ୍ରୀ ଶ୍ରଦ୍ଧାଶ୍ରୀ ପଟ୍ଟନାୟକଙ୍କ ଆଉ ଏକ ମନମୁଗ୍ଧକର ସାଂସ୍କୃତିକ ନୃତ୍ୟ ପରିବେଷଣ ଉତ୍ସବର ମାହୋଲକୁ ଆହୁରି ବଢ଼ାଇ ଦେଇଥିଲା।

ଆରମ୍ଭ ହେଲା ସୃଜନିକା ଗୃହ ନିର୍ମାଣ କାର୍ଯ୍ୟ, ଉପକୃତ ହେବେ ୩ ଶହ ଟେରାକୋଟା ଶିଳ୍ପୀ

ଉତ୍ତର,୧୧/୧୧(ନି/ପ):ଉତ୍ତର ଜିଲ୍ଲା ବନ୍ଧ କୁଦର ମହାଦିପଡା ଠାରେ ଟେରାକୋଟା କାରିଗରଙ୍କ ପାଇଁ ସୃଜନିକା ଗୃହ (ସାଧାରଣ ସୁବିଧା କେନ୍ଦ୍ର) ନିର୍ମାଣ ନିମନ୍ତେ ସୋମବାର କାର୍ଯ୍ୟ ଆରମ୍ଭ ହୋଇଛି । ଏହି ପ୍ରକଳ୍ପର ଅଟକଳ ମୂଲ୍ୟ ୮୩ ଲକ୍ଷ ୪୪ ହଜାର ୪୦ ଟଙ୍କା ରହିଥିବା ବେଳେ ନିର୍ମାଣ ପରେ ସଂପୃକ୍ତ ଅଂଚଳରେ ଥିବା ୩ ଶହରୁ ଊର୍ଦ୍ଧ୍ୱ ଶିଳ୍ପୀ ଉପକୃତ ହୋଇ ପାରିବେ । ଦାର୍ଘ ଦିନର ଦାବୀ ଓ ଲଢେଇ ପରେ କାର୍ଯ୍ୟାରମ୍ଭ ହୋଇଥିବାରୁ ବିଶେଷକରି ମହିଳା ମାନଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି । ଟେଣ୍ଡର ଦଲିଲ ଅନୁଯାୟୀ, ପ୍ରକଳ୍ପ କାର୍ଯ୍ୟକୁ ୪ ଭାଗରେ ବିଭକ୍ତ କରାଯାଇଛି । ମୂଳକୋଠା ନିର୍ମାଣ ପାଇଁ ୭୫ ଲକ୍ଷ ୩୭ ହଜାର ୫ ଶହ ୬୦ ଟଙ୍କା, ସ୍ଲିଟ ଏସି ସଂସ୍ଥାପନ ସହ ଆଭ୍ୟନ୍ତରୀଣ ବିଦ୍ୟୁତକରଣ ନିମନ୍ତେ ୩ ଲକ୍ଷ ୩୫ ହଜାର ୪ ଶହ ୧୧ ଟଙ୍କା, ପାନୀୟ ଜଳ ଓ ସାନିଟାରୀ କାର୍ଯ୍ୟ ଲାଗି ୨ ଲକ୍ଷ ୯୧ ହଜାର ୫ ଟଙ୍କା ଏବଂ ଗଭୀର ବୋରୱେଲ ଖୋଳିବା ପାଇଁ ୧ ଲକ୍ଷ ୮୦ ହଜାର ୬୩ ଟଙ୍କା ଅଟକଳ କରାଯାଇଛି । ଏହା ନିର୍ମାଣ ହେଲେ ଟେରାକୋଟା ଶିଳ୍ପୀ କାରିଗର ମାନେ ଉତ୍ପାଦନ, ପ୍ରଶିକ୍ଷଣ ଓ ବିପଣନ କ୍ଷେତ୍ରରେ ସୁବିଧା ପାଇ ପାରିବା ସହ ସେମାନଙ୍କ ଦାର୍ଘ ଦିନର ଦାବି ପୂରଣ ହେବ । ପ୍ରକାଶଯେ ଏହି କୁଦର ମହାଦିପଡା ପଚାଂଚରର ତ୍ରିସାଜିଆ,କୁଣ୍ଡି , ବଉଳଡିହ, ମହାଦିପଡା ଆଦି ଗ୍ରାମରେ ୩ ଶହରୁ ଊର୍ଦ୍ଧ ଟେରାକୋଟା ଶିଳ୍ପୀ ରହିଛନ୍ତି । ଶିଳ୍ପୀ ମାନେ ମାଟିରେ ନିର୍ମିତ ମୂର୍ତ୍ତି, ଜଲେର, ମାଟିବାସ, ଚା ଗ୍ଲାସ, ଫୁଲଦାନୀ ଆଦି ବ୍ୟବହାର ସାମଗ୍ରୀ ପ୍ରସ୍ତୁତ କରି ସରକାରୀ ପ୍ରଦର୍ଶନୀ ସହ ବଜାରରେ ବିକ୍ରୟ ବଟା କରି ଅର୍ଥ ରୋଜଗାର କରିଥାନ୍ତି । ଏହାକୁ ବୃଦ୍ଧିରେ ରଖି ରାଜ୍ୟ ସରକାରଙ୍କ ହସ୍ତତନ୍ତ ଓ ବୟନଶିଳ୍ପ ବିଭାଗ ପକ୍ଷରୁ ଶିଳ୍ପୀ କାରିଗରଙ୍କୁ ସ୍ୱାବଲମ୍ବୀ କରିବା ପରେ ଅର୍ଥ ଯୋଗାଇ ଦିଆଯାଇଥିଲା । ସୃଜନିକା ଗୃହ ନିର୍ମାଣ ହେଲେ ଶିଳ୍ପୀ ମାନଙ୍କ ବକ୍ତାତି ବିକାଶ ପାଇଁ ଉନ୍ନତ ଯନ୍ତ୍ରପାତି ବ୍ୟବହାର, ଗଚ୍ଛିତ ପାଇଁ ଉପଯୁକ୍ତ ସ୍ଥାନ, ଗୋଟିଏ ସ୍ଥାନରେ ବସି କାର୍ଯ୍ୟ କରି ପାରିବେ ।

ସବଡେଗା ବ୍ଲକ ପରିସରରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି



ସୁନ୍ଦରଗଡ଼,୧୧/୧୧(ନି/ପ): ସବଡେଗା ବ୍ଲକ ପରିସରରେ ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲାପାଳ ଡ଼। ଶୁଭଙ୍କର ମହାପାତ୍ର ଏବଂ ଆରକ୍ଷୀ ଅଧିକ୍ଷକ ଅମିତପାଲ କୌର ଉପସ୍ଥିତ ରହି ଜନସାଧାରଣଙ୍କର ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ। ଆଜି ମୋଟ ୯୫୬ ଗୋଟି ଅଭିଯୋଗ ଆସିଥିଲା । ସେଥି ମଧ୍ୟରୁ ୯୩୮ ଗୋଟି ବ୍ୟକ୍ତିଗତ ଅଭିଯୋଗ ରହିଥିବାବେଳେ ୧୫ ଗୋଟି ସାମୁହିକ ଅଭିଯୋଗ ରହିଥିଲା । ଏହି ଅଭିଯୋଗ ଗୁଡ଼ିକ ମଧ୍ୟରୁ ୩ ଗୋଟି ଅଭିଯୋଗର ତତ୍‌କ୍ଷଣାତ ସମାଧାନ କରାଯାଇଥିଲା । ସେହିଭଳି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ନିମନ୍ତେ ୩ ଗୋଟି ଆବେଦନ ରହିଥିଲା । ଆଜିର ଏହି ଅଭିଯୋଗ ଶୁଣାଣି ରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଜ୍ୟୋତ୍ସାରାଣୀ ସାହୁ, ସବଡେଗା ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଶ୍ୱନାଥ ସାହୁ ତଥା ସମସ୍ତ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହିଥିଲେ।

୮୯ବର୍ଷରେ ପହଂଚିଲା ଗୁଲନଗର କାଳୀପୂଜା

କେନ୍ଦ୍ରା